
RAJ ELECTRONICS
ODISHA's No. ONE RETAIL CHAIN STORES
ଆମଠାରୁ ଶସ୍ତା
କେଉଁଠି ବି ପାଇବେ ନାହିଁ
43 years EXCELLENCE
ପୂଜାର ଆରମ୍ଭ... ବିଶ୍ୱାସର ସହିତ
Happy Dussehra
SALE
1 କୋଟି ଗ୍ରାହକମାନଙ୍କ ଆସ୍ଥା ଓ ବିଶ୍ୱାସକୁ ନେଇ ଆମ୍ଭେ ଗଢିତ
CHECK OUR PRICE BEFORE YOU BUY
0% INTEREST FINANCE
Sabese Kam EMI
No Down Payment
Upto 20% CASH BACK
Credit/Debit Card Holders
Get ONE EMI CASH BACK
SUPER EXCHANGE OFFER
SAVE UPTO ₹15000*
AVAIL Guaranteed LOWEST PRICE
Side By Side Refrigerator EMI ₹3333
Top Load Washing Machine FREE
55" LED EMI ₹3999
43" LED FREE
8Kg. & Above Front Load Washing Machine EMI ₹2660
Microwave FREE
Call : 7517000000
or Scan with QR Code
to know your pre approved limit.
3 YEARS WARRANTY
32" LED TV EMI ₹881
55" UHD 4K TV EMI ₹2969
65" UHD 4K TV EMI ₹4225
43" Smart TV EMI ₹1625
DC Refrigerator EMI ₹723
FF Refrigerator EMI ₹999
SBS Refrigerator EMI ₹3195
Dishwasher EMI ₹3083
Semi Auto WM EMI ₹888
Top Load WM EMI ₹999
Front Load WM EMI ₹999
Microwave Starts EMI ₹750
EMI ₹1499
CAMERA Festive Price Starts from ₹6,500
DSLR Festive Price Starts from ₹16,000
CALL 8249483622
WINTER IS COMING
AVAILABLE On SPECIAL PRICE
Geyser
SAMSUNG Galaxy Mobile
Exciting Festival Dhamaka
CASH BACK upto ₹5000*
A 03S EMI: ₹1150
A 32 EMI: ₹1460
A 52S EMI: ₹2000
CALL: 7008919525
SAMSUNG Galaxy
Puja Fest Price Starts from ₹7,500
AIR COOLER AVAIL OFF SEASON DISCOUNT
3 to 6 months Subscription FREE*
Call : 9776007183
Split AC Starts EMI ₹1290
Window AC Starts EMI ₹999
Inverter EMI ₹1199
WORLD'S BEST DEEP FREZEERS AT DISCOUNT PRICE
Wear face mask & Maintain Social Distancing
EMI ₹1419
DISINFECT ANYTHING AND STAY SAFE FROM COVID-19 VIRUS
TAKE AT ONLY ₹9499
RAJ ELECTRONICS
BHUBANESWAR - PATIA : Kanan Vihar, Phase-II, Ph: 0674-2726216, Mob.: 9238365755 NAYAPALLY (CRP Sqr) : Opp. Hotel Presidency, Ph.: 0674-2565717,Mob.: 9238365515 BARAMUNDA : Near Bus Stand, Ph.: 0674-2355155, Mob.: 9238365729 BAPUJI NAGAR : (Old Showroom), SCR-26, Ph.: 0674-2597016 BAPUJI NAGAR : (Premium) : Ph: 0674-2598852, Mob: 9238365728, CUTTACK : Link Road, Madhupatna, Ph.: 0671-2342999 Mob: 9238365721, ANGUL : Near TATA Motors, Nalco Square, Ph: 9438149243, 9777353320, 7978669968 BALASORE : Near Hotel Suraj, Sahadev Khunta, Ph: 06782-241515, Mob.: 8118052732 JAJPUR ROAD : Chorda Traffic Chhak, By-Pass Road, Mob.: 9937475155 TALCHER : Sharma Chhak, Near IndusInd Bank, Ph: 06760-241515, Mob.: 9937752362 ROURKELA : Udit Nagar, Opp. Mayuree Saree, Mob.: 9238365730, 7787967372 JHARSUGUDA : Nr. Big Bazar, Shanti, City Centre, Sarbahal, Ph.: 06645-271450, Mob.: 8342818452
BISWAL SALES
JAJPUR ROAD Bus Stand-By Pass 06726 -220655, 9238365722
JAJPUR TOWN Medical Road 06728 - 222701, 9238365724
BHADRAK Chhapulia 06784 - 250566, 9238365720
RAJ ELECTRONICS PLAZA
JALESWAR Axis Bank Building, Thana Bazar,Ph : 8249023446
JARAKA Near Venkateswar School, Ph : 9853702087,9938581334
BONTH Bhadrak, Near Tahasil & Block Office, Ph : 7205321485
*T&C apply, (U/E), Offer applicable on selected products only. Pictures are indicative only

# ମନୀଷଙ୍କ ଶ୍ୱାସରୁଦ୍ଧରୁ ମୃତ୍ୟୁ ସନ୍ଦେହ

## ସାମ୍ବାଦିକ ନବୀନ ଦାସଙ୍କ ପୁଅ ହତ୍ୟା ମାମଲା

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ଭୁବନେଶ୍ୱର ଉପକଣ୍ଠ ପାତ୍ରପଡ଼ା ଗାଁ ପୋଖରୀରୁ ରବିବାର ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ବଡ଼ପୁଅ ମନୀଷ ଅନୁରାଗ ଦାସଙ୍କ ମୃତଦେହ ମିଳବା ଘଟଣା ଦିନକୁ ଦିନ ରହସ୍ୟଘେରକୁ ଟାଣି ହୋଇଯାଉଛି। ଏହି ଘଟଣାକୁ ୩ଦିନ ବିତିଯାଇଥିଲେ ବି ମନୀଷଙ୍କ କିପରି ମୃତ୍ୟୁ ହୋଇଛି, ତା'ର ପ୍ରକୃତ କାରଣ କମିଶନରେଟ ପୋଲିସ ଉନ୍ମୋଚନ କରିପାରି ନାହିଁ। ଏହି ଘଟଣାରେ ବ୍ୟବଚ୍ଛେଦ ବୃତ୍ତାନ୍ତ ରିପୋର୍ଟ ଆସି ନ ଥିଲେ ସୁଦ୍ଧା ପ୍ରାଥମିକ ରିପୋର୍ଟରୁ ମନୀଷଙ୍କ ଶ୍ୱାସରୁଦ୍ଧରୁ ମୃତ୍ୟୁ ହୋଇଥାଇପାରେ ବୋଲି ଏମ୍‌ସର ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ ମଙ୍ଗଳବାର ସୂଚନା ଦେଇଛନ୍ତି।

ମନୀଷ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଭୋର୍ ୪ଟା ୧୨ରୁ ତାହା ସୁଇଚ୍ ଅଫ୍ ହୋଇଯାଇଥିଲା। ରବିବାର ସକାଳେ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଅପରାହ୍ନ ୨ଟାରେ ପାତ୍ରପଡ଼ା ଗାଁ ପୋଖରୀରୁ ତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଜବତ କରାଯାଇଥିଲା। ଏନେଇ ଇନ୍‌ଫୋସିଟି ଥାନା ପୋଲିସ ହତ୍ୟା ମାମଲା (ନଂ.୨୨୨/୨୧) ରୁଜୁ କରିଥିଲା।



ଜବତ କାର।



ହୋଟେଲରୁ ବାହାରି ମନୀଷ ଚାଲିଚାଲି ଯାଉଥିବାର ଦୃଶ୍ୟ।

### ମନୀଷ ଯାଇଥିବା କାର୍ ଜବତ, ୨ ଅଟକ

ଇନ୍‌ଫୋସିଟି ଛକସ୍ଥିତ ଗ୍ୱାଭା ଆଇସ୍‌କ୍ରିମ୍ ପାର୍ଲର ସମ୍ମୁଖରେ ଶନିବାର ସନ୍ଧ୍ୟାରେ ମନୀଷ ନିଜ କାର୍ ଥୋଇ ୨ସାଙ୍ଗଙ୍କ ସହ ଅନ୍ୟ ଏକ କାର୍(ଓଡି୦୨ ଏକ୍ସ ୯୬୯୬)ରେ ଯାଇଥିଲେ। ମଙ୍ଗଳବାର ଉକ୍ତ କାରକୁ ପୋଲିସ ଜବତ କରିଛି। ଏଥିସହିତ ମନୀଷଙ୍କ ଜଣେ ସାଙ୍ଗ ଏବଂ ଅନ୍ୟ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଛି। ତେବେ ସେମାନଙ୍କ ସମ୍ପର୍କରେ କିଛି ସୂଚନା ଦେବାକୁ ଡିସିପି ଉମାଶଙ୍କର ଦାଶ ମନା କରିଦେଇଛନ୍ତି। ଅପରପକ୍ଷରେ ଶନିବାର ରାତିରେ ମନୀଷ ଓ ତାଙ୍କ ସାଙ୍ଗଙ୍କ ମଧ୍ୟରେ ଟଙ୍କା ଦିଆନିଆକୁ ନେଇ ବଚସା ହୋଇଥିଲା ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏହି ଝଗଡାକୁ କେନ୍ଦ୍ର କରି ସାଙ୍ଗମାନେ କିଛି ଆପରାଧିକ ଘଟଣା ଘଟାଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦର ବୃତ୍ତାନ୍ତ ରିପୋର୍ଟ, ଭିସେରା ଓ ଡାଏଟମ୍ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ଏସବୁ ରିପୋର୍ଟ ଆସିବା ପରେ ମନୀଷଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ଏହି ଘଟଣାରେ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସହ ତମାଣ୍ଡୋ ଓ ଇନ୍‌ଫୋସିଟି ଥାନା ପୋଲିସ ମିଳିତ ଭାବେ ତଦନ୍ତ ଚଳାଇଛନ୍ତି।

### ହୋଟେଲରୁ ମନୀଷ ଏକୁଟିଆ ଚାଲିଚାଲି ଯାଉଥିବା ମିଳିଲା ସିସିଟିଭି ଫୁଟେଜ୍

ମନୀଷ ଶନିବାର ସନ୍ଧ୍ୟାରେ ଜଣେ ସାଙ୍ଗଙ୍କ ସହ ଏକ ଶୋ' ରୁମ୍‌ରୁ ଡ୍ରେସ୍ କିଣି ଘରକୁ ଫେରିବା ପରେ ଇନ୍‌ଫୋସିଟି ଛକ ନିକଟକୁ ଯାଇଥିଲେ। ସେଠାରୁ ୨ଜଣ ସାଙ୍ଗଙ୍କ ସହ ଅନ୍ୟ ଏକ କାର୍‌ରେ ପାତ୍ରପଡ଼ା ଯାଇଥିଲେ। ସେଠାରେ ଥିବା ସାଉଥସିଟି ହୋଟେଲରେ ମନୀଷ ରାତିରେ ରହିଥିବା ନେଇ ତଦନ୍ତ ସମୟରେ ଜଣାପଡ଼ିବା ପରେ ସୋମବାର ପୋଲିସ ଉକ୍ତ ହୋଟେଲକୁ ସିଲ୍ କରିବା ସହ ସେଠାରେ ଲାଗିଥିବା ସମସ୍ତ ସିସିଟିଭିର ହାର୍ଡ ଡିସ୍କକୁ ଜବତ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ ପରେ ଘଟଣା ଦିନ ବିଳମ୍ବିତ ରାତି ୩ଟା୨୯ ମିନିଟରେ ମନୀଷ ଉକ୍ତ ହୋଟେଲରୁ ବାହାରି ଏକୁଟିଆ ଚାଲି ଚାଲି ଯାଉଥିବାର ଜାଣିବାକୁ ମିଳିଛି। ତେବେ ତାଙ୍କ ସହିତ ଥିବା ୨ସାଙ୍ଗ କୁଆଡ଼େ ଗଲେ, ସେନେଇ ପୋଲିସ ଅଧିକ ତନାଘନା କରୁଛି।

## ବକେୟା ଦରମା ଦାବିରେ ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା

**ଭୁବନେଶ୍ୱର,୧୨।୧୦(ବ୍ୟୁରୋ)**

ବାଣୀବିହାରସ୍ଥିତ ଟ୍ରିନିଟି ନ୍ୟୁରୋ ହସ୍ପିଟାଲ ଆଣ୍ଡ ଟ୍ରମା କେୟାର ସାମ୍ନାରେ ସ୍ୱାସ୍ଥ୍ୟକର୍ମୀମାନେ ମଙ୍ଗଳବାର ଧାରଣା ଦେଇଛନ୍ତି। ଗତ ଦୁଇମାସର ବକେୟା ଦରମା ପାଇ ନ ଥିବାବେଳେ କର୍ତ୍ତୃପକ୍ଷ ସେମାନଙ୍କୁ ଚାକିରିରୁ ବାହାର କରିଦେଇଥିବା ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀମାନେ ଅଭିଯୋଗ କରିଛନ୍ତି। ୭ଦିନ ମଧ୍ୟରେ ସମସ୍ୟାର ସମାଧାନ ଲାଗି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରେ ହଷ୍ଟେଲ ଗେଟ୍ ବନ୍ଦ କରିଦେଇଥିବାରୁ ସ୍ୱାସ୍ଥ୍ୟକର୍ମୀମାନେ ହସ୍ପିଟାଲ ଗେଟରେ ତାଲା ପକେଇ ଧାରଣା ଦେଇଥିଲେ। ଏ ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

## ଯୁବକଙ୍କୁ ହତ୍ୟା ଅଭିଯୋଗ

**ନିଆଳି,୧୨।୧୦(ଡି.ଏନ୍.ଏ.):** ନିଆଳି ସିନେମା ହଲ୍ ନିକଟସ୍ଥ ଏକ ଗ୍ୟାରେଜରୁ ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଜବତ କରିଛି। ସେ ହେଲେ ନିଆଳି ଥାନା ଅଧୀନ ନିଆଳି ସାହିର ସତ୍ୟଜିତ୍ ପଟ୍ଟନାୟକ। ତେବେ ତାଙ୍କୁ ହତ୍ୟା କରି ଗ୍ୟାରେଜ ମଧ୍ୟରେ ରଶିରେ ଝୁଲାଇ ଦିଆଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୧) ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ସତ୍ୟଜିତ୍ ସୋମବାର ରାତିରେ ଗ୍ୟାରେଜ୍‌ରୁ ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଫୋନ୍ କରିଥିଲେ। ସେ କହିଥିଲେ, କାମ ଅଛି, ମୁଁ ଖାଇକି ଡେରିରେ ଯିବି। ହେଲେ ଘରକୁ ନ ଫେରିବାରୁ ମଙ୍ଗଳବାର ସକାଳ ୫ଟାରେ ବାପା କ୍ଷେତ୍ରମୋହନ ଓ ବଡବାପା ଅଭିମନ୍ୟୁ ଗ୍ୟାରେଜରେ ପହଞ୍ଚି ସତ୍ୟଜିତ୍‌ଙ୍କ ବେକ ରଶିରେ ବନ୍ଧା ହୋଇଥିଲା ଓ ଗୋଡ ତଳେ ଲାଗିଥିବା ଦେଖିବାକୁ ପାଇଥିଲେ। ତେଣୁ କୌଣସି ଦୁର୍ବୃତ୍ତ ତାଙ୍କୁ ମାରିବା ପରେ ଟାଙ୍ଗୀ ଦେଇଥିବା ସେମାନେ ନିଆଳି ଥାନାରେ ଅଭିଯୋଗ କରିଛନ୍ତି।




## ସବୁଠି ମା'ଙ୍କ ଆବାହନ

### ଫେସ୍‌ବୁକ୍, ୟୁଟ୍ୟୁବ୍‌ରେ ଲାଇଭ

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)**

ଜଗଜ୍ଜନନୀ ମା' ଦୁର୍ଗାଙ୍କ ଧରାବତରଣ ପରେ ମଙ୍ଗଳବାର ବିଭିନ୍ନ ପୂଜା ମଣ୍ଡପରେ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। କରୋନା କଟକଣା ମଧ୍ୟରେ ନିରାଡ଼ମ୍ବର ଭାବେ ମଣ୍ଡପରେ ମହାସପ୍ତମୀ ପୂଜା ଓ ଦେବୀପୀଠଗୁଡ଼ିକରେ ମହାଷ୍ଟମୀ ପୂଜା ସମ୍ପନ୍ନ ହୋଇଥିଲା। ଷଷ୍ଠୀରେ ବେଲ୍ଲ ବରଣ ପରେ ସପ୍ତମୀରେ କଳସ ଯାତ୍ରା ହୋଇଥିଲା। ଏହାପରେ ମହାସ୍ନାନ ସହ ନବପତ୍ରିକା ପ୍ରବେଶ, ଚକ୍ଷୁଦାନ, ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା ଆଦି ବିଧି ସହ ଯଜ୍ଞ କରାଯାଇଥିଲା। ବିଭିନ୍ନ ମଣ୍ଡପ ସମେତ ରାଜଧାନୀର ବିଭିନ୍ନ ଶକ୍ତି ପୀଠରେ ହୋମ ଯଜ୍ଞ ଓ ଚଣ୍ଡୀ ପାଠ କରାଯାଇଛି। ଖଣ୍ଡଗିରି ବାରଭୂଜା, ଶିଖରଚଣ୍ଡୀ, କେଦାର ଗୌରୀ ପୀଠରେ ପୂଜା ବିଧି ପାରମ୍ପରିକ ରୀତିରେ ଚାଲିଛି। ଆଇଗିଣିଆ, ଘାଟିକିଆ, ବରମୁଣ୍ଡା, ପଟିଆ, ରଙ୍ଗମାଟିଆ ଆଦି ଅଞ୍ଚଳର ଗ୍ରାମଦେବତୀଙ୍କ ନିକଟରେ ପୂଜା ଆରମ୍ଭ ହୋଇଛି। ବୁଧବାର ଦେବୀଙ୍କର ମହାଷ୍ଟମୀ ପୂଜା ହେବ। ମା'ଙ୍କ ଆରତି ସହ ଚଣ୍ଡୀହୋମ ଓ ସନ୍ଧ୍ୟାରେ ସନ୍ଧି ପୂଜା କରାଯିବ।

ଚଳିତ ବର୍ଷ କରୋନା କଟକଣା ପାଇଁ ନିରାଡମ୍ବର ଭାବେ ସମସ୍ତ ମଣ୍ଡପରେ କେବଳ ବିଧି ଅନୁଯାୟୀ ଓ ବିନା ଭକ୍ତରେ ଦଶଭୂଜାଙ୍କୁ ଆବାହନ କରାଯାଉଛି। ଗତ ବର୍ଷ ପରି ଏଥର ମଧ୍ୟ ମଣ୍ଡପଗୁଡିକୁ ଚାରିପଟୁ ଆବଦ୍ଧ କରାଯାଇ ପୂଜା ଚାଲିଛି। କୌଣସି ଭକ୍ତ ମଣ୍ଡପକୁ ନ ଆସିବାକୁ କମିଟିଗୁଡ଼ିକ ପକ୍ଷରୁ ନିବେଦନ କରାଯାଇଛି। ତେବେ ମା'ଙ୍କ ଆରତି ଦର୍ଶନ ଓ ପୁଷ୍ପାଞ୍ଜଳିରୁ ଯେପରି ଶ୍ରଦ୍ଧାଳୁ ବଞ୍ଚିତ ନ ହେବେ ସେଥିପାଇଁ କେତେକ ମଣ୍ଡପ ପକ୍ଷରୁ ଫେସ୍‌ବୁକ୍ ଓ ୟୁଟ୍ୟୁବ୍ ମାଧ୍ୟମରେ ଲାଇଭ୍ କରାଯାଉଛି। ପୂଜା ସମୟରେ ଅଧିକାଂଶ ମଣ୍ଡପ ପାଖରେ ମୀନାବଜାର, ଦୋଳି ଆଦି ପଡ଼ିଥାଏ। ମାତ୍ର ଏଥର କଟକଣା ପାଇଁ କୌଣସି ମେଳାକୁ ଅନୁମତି ଦିଆଯାଇ ନାହିଁ। ଫଳରେ ଉଠାବ୍ୟବସାୟୀ ନିରାଶ ହୋଇଥିବାବେଳେ ପୂଜାମଣ୍ଡପ ଓ ଏହାର ପରିସର ଖାଁ ଖାଁ ଲାଗୁଛି।

## ପରିଛଳ ଟି-୨୦ କ୍ରିକେଟ: ତମାଣ୍ଡୋ ସେମିରେ

**ବେଗୁନିଆ,୧୨।୧୦(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳସ୍ଥିତ ଖେଳପଡ଼ିଆରେ ଚାଲିଥିବା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ କଟକର କମାଣ୍ଡୋ ୧୧ କ୍ଲବକୁ ହରାଇ ତମାଣ୍ଡୋ କ୍ରିକେଟ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ତମାଣ୍ଡୋ କ୍ଲବ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୬୦ରନ ସଂଗ୍ରହ କରିଥିଲା। ଜବାବରେ କଟକର ତମାଣ୍ଡୋ୧୧ କ୍ଲବ ୯ଉଇକେଟ ହରାଇ ୧୫୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମର ହେମନ୍ତ ବିଶ୍ୱାଳ ୩୩ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ।

## ମଣ୍ଡପରେ ମା'ଙ୍କ ମହାସପ୍ତମୀ ପୂଜା



କଟକ ଚାନ୍ଦିନୀଚୌକ ପୂଜାମଣ୍ଡପ



ମଙ୍ଗଳାବାଗ୍



ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜାମଣ୍ଡପ



ମାଛୁଆବଜାର



ଭୁବନେଶ୍ୱର ବରମୁଣ୍ଡା ପୂଜା ମଣ୍ଡପ



ଭୁବନେଶ୍ୱର ହାଟସାହି



ଭୁବନେଶ୍ୱର ପୁନାମା ଗେଟ୍



ଭୁବନେଶ୍ୱର ପୁରୁଣା ଷ୍ଟେଶନ ବଜାର



ରସୁଲଗଡ଼



ନୟାପଲ୍ଲୀ ଦୁର୍ଗାପୂଜା ମଣ୍ଡପ

## ମାତୃ ଶିଶୁ ଚିକିତ୍ସାଳୟର ଶିଳାନ୍ୟାସ

ମାହାଙ୍ଗା,(ସ୍ୱ.ପ୍ର.): ବିରୂପା ଗେଙ୍ଗୁଟି ଦ୍ୱୀପାଞ୍ଚଳ ଅନ୍ତର୍ଗତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମାତୃ ଶିଶୁ ଚିକିତ୍ସାଳୟର ଶିଳାନ୍ୟାସ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ଏହା ବରଦାନ ସାବ୍ୟସ୍ତ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ମାହାଙ୍ଗା ପଞ୍ଚାୟତ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଉମାଶଙ୍କର ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷା ରସିଦା ବେଗମ, ବ୍ଲକ ଯୁବ ବିଜେଡି ସଭାପତି ଶରତ ମହାପାତ୍ର ଓ ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ନୀଳଶୈଳ ଓ ସୁଧନ୍ୟା ପ୍ରକାଶନୀର ମିଳିତ ଆନୁକୂଲ୍ୟରେ କବିତା ପାଠୋତ୍ସବ, ଖାରବେଳ ନଗରସ୍ଥିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ(ଭୁବନେଶ୍ୱରୀ ମନ୍ଦିର ପାଖ) ସଭାଗୃହ, ୟୁନିଟ-୩, ପୂର୍ବାହ୍ନ ୧୦ଟା।
- ଆଜାଦୀ କା ଅମୃତ ମହୋତ୍ସବ, କନଫରେନ୍ସ ହଲ, ଚିଫ ପୋଷ୍ଟମାଷ୍ଟର ଜେନେରାଲ(ସିପିଏମ୍‌ଜି) ଅଫିସ, ଅପରାହ୍ନ ୪ଟା।

## ସଂକ୍ଷେପରେ

### କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ

**କଟକ ଅଫିସ, ୧୨।୧୦:** ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ(ୟୁପିଏମ୍‌ଏସ୍) କଟକ ଶାଖା ପକ୍ଷରୁ କଟକ ମହାନଗର ନିଗମ ଦ୍ୱାରା ପରିଚାଳିତ କୋଭିଡ ଟିକାକରଣ କାର୍ଯ୍ୟକ୍ରମ ବ୍ରଜବିହାରୀପୁର ବାଲିଆପଦସ୍ଥିତ ଶାନ୍ତିତୀର୍ଥଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜଷ୍ଟିସ ମନୋରଞ୍ଜନ ମହାନ୍ତି ଓ ପୋଲିସ ମୁଖ୍ୟାଳୟ ଏଆଇଜି ରବୀନ୍ଦ୍ର କୁମାର ବେହେରା ଉଦ୍‌ଘାଟନ କରିଥିଲେ। ୟୁପିଏମ୍‌ଏସ୍ ସଭାପତି ସୁରେଶ କମାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମଙ୍ଗଲଚାନ୍ଦ ଜୀ ଚୋପ୍ରା, ଅଲ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା ଓ ସାମାଜିକ କର୍ମୀ ପ୍ରକାଶ ରାୟ ପ୍ରମୁଖ ଯୋଗ ଦେଇଥିଲେ। ୟୁପିଏମ୍‌ଏସ୍ ପକ୍ଷରୁ ଏପର୍ଯ୍ୟନ୍ତ ୧୭୦୦ ଲୋକଙ୍କୁ ଟିକା ଦିଆଯାଇଥିବା ସମ୍ପାଦକ ଦୀନେଶ ଯୋଶୀ କହିଛନ୍ତି।

### ପ୍ରତିବାଦ ସଭାରେ ମୃତ କୃଷକଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ ଅଫିସ, ୧୨।୧୦:** ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ଉତ୍ତରପ୍ରଦେଶର ଲଖିମପୁର ଖେରିଠାରେ ଆନ୍ଦୋଳନ ସମୟରେ ଗାଡି ଚଢାଇ ମାରିଦିଆଯାଇଥିବା କୃଷକଙ୍କ ଆତ୍ମାର ସଦ୍‌ଗତି ପାଇଁ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ସିଆଇଟିୟୁ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏଥିପାଇଁ କଟକ କଲେଜ ଛକସ୍ଥିତ ନେତାଜୀ ମୂର୍ତ୍ତି ସମ୍ମୁଖରେ ମହମବତି ପ୍ରଜ୍ୱଳନ ସହ ପ୍ରତିବାଦ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବଦ୍ରିନାରାୟଣ ଦାଶ, ମଧୁସୂଦନ ପତି, ପ୍ରତାପ ମହାପାତ୍ର, ଅଭୟ ସ୍ୱାଇଁ, ଇଂ. ମନମୋହନ ପତି, ରବିନାରାୟଣ ମଲ୍ଲିକ, ଚନ୍ଦ୍ରକାନ୍ତ ବେହେରା, ଭଞ୍ଜ କିଶୋର ବେହେରା, ବିରଞ୍ଚି ପ୍ରଧାନ, ଆଇନଜୀବୀ ଭରତ ପଣ୍ଡାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### ଆଲୋକୀକରଣ ହେଲା ଯୋବ୍ରା ବ୍ୟାରେଜ ରାସ୍ତା

**କଟକ ଅଫିସ, ୧୨।୧୦:** ଯୋବ୍ରା ଆନିକଟ୍ ବ୍ୟାରେଜ୍ ରାସ୍ତାକୁ ମଙ୍ଗଳବାର ଆଲୋକୀକରଣ କରାଯାଇଛି। ଜଳ ସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଇଂ. ଭକ୍ତଚରଣ ମହାନ୍ତି ଓ ଅଧୀକ୍ଷଣ ଯନ୍ତ୍ରୀ ବାବୁଲାଲ ବେହେରାଙ୍କ ତତ୍ତ୍ୱାବଧାନରେ ପ୍ରାୟ ୨ କିମି ବ୍ୟାପୀ ଏହି ରାସ୍ତାରେ ୧୦୦ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି । ଉକ୍ତ ରାସ୍ତା ଅନ୍ଧକାର ରହୁଥିବାରୁ ଦୁର୍ଘଟଣା ସହ ଲୁଟ୍ ହେଉଥିଲା। ଏହି ଲାଇଟ୍ ଲାଗିବା ଯୋଗୁ ରାତିରେ ଲୋକମାନେ ସୁରକ୍ଷିତ ଭାବେ ଯାତାୟାତ କରିପାରିବେ ଓ ବନ୍ୟାଜଳ ପରିଚାଳନା ସହଜ ହୋଇପାରିବ।

### ପୁସ୍ତକ 'ରଚନା ସମଗ୍ର' ଉନ୍ମୋଚିତ

**କଟକ ଅଫିସ, ୧୨।୧୦:** କଟକ ଲେଖକ ସହଯୋଗ ସମିତି ପକ୍ଷରୁ ପ୍ରକାଶିତ ଓଡ଼ିଆ ବ୍ୟଙ୍ଗ ଓ ରମ୍ୟ ରଚନା ସାହିତ୍ୟର ସ୍ରଷ୍ଟା ମାଧବ ଚନ୍ଦ୍ର ଶତପଥୀଙ୍କ ପୁସ୍ତକ ରଚନା ସମଗ୍ରର ପ୍ରଥମ ଖଣ୍ଡ କଟକ କାଳୀଭବନଠାରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଡ. ଗୁରୁପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରଫେସର ବିଜୟାନନ୍ଦ ସିଂହ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଜ୍ଞାନ ହୋତା, ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ, ଡ. ପ୍ରଭାତୀ ମିଶ୍ର, ରଘୁନାଥ ମହାପାତ୍ର ଯୋଗ ଦେଇଥିଲେ। ଅଧାପକ ଆଦିତ୍ୟ ପ୍ରତାପ ଧଳ ସ୍ୱାଗତ ଭାଷଣ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା, ରୀତାଞ୍ଜଳି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ମାଧବଚନ୍ଦ୍ରଙ୍କ କନ୍ୟା ପ୍ରତିମା ଶତପଥୀ ଧନ୍ୟବାଦ ଦେଇଥିଲେ।

# ଖୁବ୍‌ଶୀଘ୍ର ପେଟ୍-ସିଟିସ୍କାନ୍ ସେବା

**କଟକ ଅଫିସ, ୧୨।୧୦**



ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର ଲିନାକ୍ ବିଲ୍ଡିଂର ପ୍ରଥମ ମହଲାରେ ଖୁବ୍‌ଶୀଘ୍ର ସ୍ଥାପନ ହେବ ପେଟ୍ ସିଟିସ୍କାନ ମେଶିନ। ପବ୍ଲିକ-ପ୍ରାଇଭେଟ୍ ପାର୍ଟନରଶିପ୍ ପିପିପି ମୋଡ୍‌ରେ ଉକ୍ତ ମେଶିନ ଲଗାଯିବା ପାଇଁ ସ୍ଥିର ହୋଇଛି। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ସରିଛି। ଭିତ୍ତିଭୂମି କାର୍ଯ୍ୟ ମଧ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଏହି ମେଶିନ କାର୍ଯ୍ୟକ୍ଷମ ହେବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ରୋଗୀଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଇପାରିବ ବୋଲି କର୍କଟ କେନ୍ଦ୍ରର ନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଷଡଙ୍ଗୀ କହିଛନ୍ତି। ଏବେ ପେଟ୍-ସିଟିସ୍କାନ କରିବା ପାଇଁ ରୋଗୀମାନେ ନିର୍ଦ୍ଦିଷ୍ଟ ଘରୋଇ ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ଏଥିପାଇଁ ସେମାନଙ୍କୁ ଥରକରେ ୨୦ରୁ ୨୫ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ମାତ୍ର ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଏହି ମେଶିନ କାର୍ଯ୍ୟକ୍ଷମ ହେଲେ ରୋଗୀଙ୍କୁ ଆଉ ଖର୍ଚ୍ଚ କରିବାକୁ ପଡିବ ନାହିଁ। ଏହି ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାୟିତ୍ୱ ନେଇଥିବା କଲେଜଛକସ୍ଥିତ ଆଡ୍ ଆନେକ୍ସର ମାଲିକ ଚିନ୍ମୟ ବଳ କହିଛନ୍ତି, ୯ କୋଟି ଟଙ୍କା ବ୍ୟୟରେ ଏହି ମେଶିନକୁ ଆମେ ଜର୍ମାନୀସ୍ଥିତ ସିମେନ୍ସ କମ୍ପାନୀରୁ ମଗାଇଛୁ । ହେଲେ

**ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ର**
- ପିପିପି ମୋଡ଼ରେ ଲାଗିବ ମେଶିନ୍
- ରୋଗୀଙ୍କୁ ମିଳିବ ମାଗଣା ଚିକିତ୍ସା

ସରକାରୀ କଟକଣା ଯୋଗୁ ମେଶିନ ଆସିବାରେ ବିଳମ୍ବ ହେଉଛି। ଏହି ମେଶିନ ଆଣିବା ଓ ଲଗାଇବା ପାଇଁ ଭାରତର ଆଟମିକ୍ ଏନର୍ଜି ରେଗୁଲେଟୋରି ବୋର୍ଡର ଅନୁମତି ଅବଶ୍ୟକ। ଏହି ଚିକିତ୍ସା ବେଳେ ଆବଶ୍ୟକ ହେଉଥିବା ରୋଗୀଙ୍କ ଔଷଧ ପାଇଁ ମଧ୍ୟ ଉକ୍ତ ବୋର୍ଡର ଅନୁମତି ଆବଶ୍ୟକ। ତେବେ କମ୍ପାନୀର ୩ ବର୍ଷର ଅଭିଜ୍ଞତା ଥିବାରୁ ଆମେ ଉଚିତ ସେବା ଯୋଗାଇ ପାରିବୁ। ଏହାଦ୍ୱାରା ରୋଗୀ ମାଗଣାରେ ଚିକିତ୍ସିତ ହେବେ। ଏଥିପାଇଁ ସରକାର ପ୍ରତ୍ୟେକ ରୋଗୀ ପିଛା ୬୭୦୦ ଟଙ୍କା କମ୍ପାନୀକୁ ପଇଠ କରିବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ କର୍କଟ କେନ୍ଦ୍ରରେ ଆରମ୍ଭ ହୋଇଛି ନିଃଶୁଳ୍କ ଏମ୍‌ଆରଆଇ ଓ ସିଟିସ୍କାନ ପରୀକ୍ଷା। ଲିନାକ୍ କୋଠାର ଦ୍ୱିତୀୟ ମହଲାରେ ଉକ୍ତ ମେଶିନ ସ୍ଥାପନ କରାଯାଇଛି। ୧୦ ହଜାର ବର୍ଗଫୁଟରେ ଲିନାକ୍ ବିଲ୍ଡିଂ ନିର୍ମାଣ କରାଯାଇ ଏହି ସ୍ୱତନ୍ତ୍ର ୟୁନିଟ୍ ଖୋଲାଯାଇଛି। ପିପିପି ମୋଡ୍‌ରେ ଏହି ବ୍ୟବସ୍ଥା କରାଯାଇଛି। କର୍କଟ ରୋଗର ନିରାକରଣ ପାଇଁ ଏମ୍‌ଆରଆଇ ଓ ସିଟିସ୍କାନ ମେଶିନର ଆବଶ୍ୟକତା ଥିବା ହସ୍ପିଟାଲ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଜଣାଇଥିଲେ। ଏବେ ପେଟ୍-ସିଟିସ୍କାନ ହେଲେ କର୍କଟ କେନ୍ଦ୍ରରେ ରୋଗୀ ସେବା ଆହୁରି ସହଜ ହେବ।

### ପେଟ୍-ସିଟିସ୍କାନ୍ ମେଶିନର କାମ

ଏହି ମେଶିନ ଦ୍ୱାରା କର୍କଟ ରୋଗ ଚିହ୍ନଟ ସହ ରୋଗୀ କେଉଁ ସ୍ତରରେ ଅଛନ୍ତି ତାହା ଜାଣିହେବ। ଏହି ମେଶିନ ଦ୍ୱାରା ବାୟୋପ୍ସି କରାଯିବା ପାଇଁ ଶରୀରର ଉପଯୁକ୍ତ ସ୍ଥାନ ଚିହ୍ନଟ ସହ କର୍କଟ ରୋଗର ଠିକ୍ ଚିକିତ୍ସା ଚାଲିଛି ନା ନାହିଁ ତାହା ମଧ୍ୟ ଜାଣିହେବ। ଚିକିତ୍ସା ଶେଷ ହେବା ପରେ ଶରୀରରେ ପୁଣି ଥରେ କର୍କଟ ରୋଗ ବ୍ୟାପୁଛି ନା ନାହିଁ ତାହା ମଧ୍ୟ ଏହି ମେଶିନରେ ପରୀକ୍ଷା କରାଯିବା ଦ୍ୱାରା ଜାଣିହେବ।

## ପୀଠରେ ମହାଷ୍ଟମୀ




ଷୋଳପୂଜା ଅବସରରେ କଟକ ଚଣ୍ଡୀ ଓ ଝାଞ୍ଜିରୀ ମଙ୍ଗଳାଙ୍କ ମହାକାଳୀ ବେଶ।



ଗଡ଼ଚଣ୍ଡୀଙ୍କ ମହାସରସ୍ୱତୀ ବେଶ।



ବାଙ୍କୀ ଚର୍ଚ୍ଚିକାଙ୍କ ମହିଷା ମର୍ଦ୍ଦିନୀ ବେଶ।

# ୨୩ ସୁଦ୍ଧା ଜବାବ ଦାଖଲ କର: ଲୋକାୟୁକ୍ତ

**କଣ୍ଟାପଡା,୧୨।୧୦(ଡି.ଏନ୍.ଏ.)**

**ପାଇଖାନା ନିର୍ମାଣରେ ଦୁର୍ନୀତି**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ପାଟସୁନ୍ଦରପୁର ପଞ୍ଚାୟତରେ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ଦ୍ୱାରା ସ୍ୱଚ୍ଛ ଭାରତ ଯୋଜନାରେ ନିର୍ମାଣ କରାଯାଇଥିବା ଘରୋଇ ପାଇଖାନାରେ ଦୁର୍ନୀତି ଅଭିଯୋଗର ବିଚାରକରି ୨୩।୧୧।୨୧ସୁଦ୍ଧା ଜବାବ ଦାଖଲ ପାଇଁ ସ୍ଥାନୀୟ ବିଡିଓ, ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ମିଶନ, କଣ୍ଟାପଡ଼ା କନିଷ୍ଠଯନ୍ତ୍ରୀଙ୍କୁ ଲୋକାୟୁକ୍ତ ନୋଟିସ ଜାରି କରିଛନ୍ତି। ମାମଲାରୁ ପ୍ରକାଶ, ବିଭିନ୍ନ ଏସ୍‌ଏଚ୍‌ଜି ଦ୍ୱାରା ପାଟସୁନ୍ଦରପୁର ପଞ୍ଚାୟତରେ ୨୦୫, ଝାରପଡାରେ ୨୦, କଣ୍ଟାପଡାରେ ୬୪, ବାଗଲପୁରରେ ୮୧, ଉରାଢ଼ରେ ୧୧୮ ଓ ପୋସ୍ତୁଳରେ ୧୭ଟି ଘରୋଇ ପାଇଖାନା ନିର୍ମାଣ କରାଯାଇଛି। ପ୍ରତି ପାଇଖାନା ବାବଦକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଯୋଜନା ଦ୍ୱାରା ଦିଆଯାଇଥିବା ୧୨ହଜାର ଟଙ୍କା ଲେଖାଏ ବିଲ୍‌କରି ନିଆଯାଇଛି। ସେହି ପାଇଖାନାଗୁଡିକର ଟାଙ୍କି, ସୋକ୍‌ପିଟ ଓ ଗ୍ୟାସ ପାଇପ ନିର୍ମାଣ କରାଯାଇ ନ ଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏ ସମ୍ପର୍କରେ ପାଟସୁନ୍ଦରପୁର ଗ୍ରାମର ସାମାଜିକ କର୍ମୀ ଶରତ ପରିଡା ଲୋକାୟୁକ୍ତଙ୍କ ନିକଟରେ ମାମଲା ଦାଏର କରିଥିଲେ। ଲୋକାୟୁକ୍ତ ଏହାର ବିଚାର କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି।

# ୩୧ ଛାତ୍ରୀଛାତ୍ର ପାଇଲେ ଶିକ୍ଷା ଜ୍ୟୋତି ସମ୍ମାନ

**ଖୁଣ୍ଟୁଣୀ,୧୨।୧୦(ଡି.ଏନ.ଏ.)**

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ଡିଗ୍ରୀ କଲେଜ ପରିସରରେ ଶିକ୍ଷା ଜ୍ୟୋତି ସମ୍ମାନ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଫୋରମ ଅଫ ଏକାଡେମୀର ସଭାପତି ଦାମୋଦର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଓ ଖୁଣ୍ଟୁଣୀ ଯୁକ୍ତ ୨ କଲେଜ ଅଧ୍ୟକ୍ଷ ରବିନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫୋରମ ଅଫ ଏକାଡେମୀ ପକ୍ଷରୁ ଚଳିତବର୍ଷ ଆଠଗଡ଼, ତିଗିରିଆ, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ବିଭିନ୍ନ ହାଇସ୍କୁଲର ମାଟ୍ରିକ ପରୀକ୍ଷାରେ ଏ-୧ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ୨୩ଜଣ ଏବଂ ଯୁକ୍ତ ୨ ଓ ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ନିର୍ବାଚନ ମଣ୍ଡଳିରେ ଶ୍ରେଷ୍ଠ ହୋଇଥିବା ୮ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ଶଶିଭୂଷଣ ମିଶ୍ର ସ୍ୱାଗତ ଭାଷଣ ଓ ରାମଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଜନସୁଧାର ସ୍ୱନକ୍ଷତ୍ର ବିଶେଷାଙ୍କ, ୧୨ ପୁସ୍ତକ ଉନ୍ମୋଚିତ

**କଟକ ଅଫିସ, ୧୨।୧୦**

ତ୍ରୈମାସିକ ସାହିତ୍ୟ ପତ୍ରିକା ଜନସୁଧାର ୨୪ତମ ସ୍ୱନକ୍ଷତ୍ର ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ 'ସାହିତ୍ୟ ପତ୍ରିକା ଓ ପୁସ୍ତକ ପ୍ରକାଶନରୁ ସାଧାରଣ ମଣିଷ ପାଏ କ'ଣ ଶୀର୍ଷକ ଉପରେ କହିଥିଲେ। ଏହି ଅବସରରେ ବିଜୟିନୀ ପବ୍ଲିକେଶନ୍ସ ପକ୍ଷରୁ ପ୍ରକାଶିତ 'ଜନସୁଧାର ୨୪ତମ ସ୍ୱନକ୍ଷତ୍ର ବିଶେଷାଙ୍କ ସମେତ ୧୨ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରେଣ୍ୟ ଅତିଥି ଭାବେ ପ୍ରଫେସର ବିଜୟାନନ୍ଦ ସିଂହ ଓ ଡ. ଦିଲୀପ ସ୍ୱାଇଁ ଯୋଗ ଦେଇଥିଲେ। ଡ. ପ୍ରକାଶ ପରିଡ଼ା ଅତିଥି ପରିଚୟ, ଡ. ଚିତ୍ତରଞ୍ଜନ ବେହେରା ସ୍ୱାଗତ ଭାଷଣ ଓ ଦିଲୀପ କୁମାର ବେଉରା ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମିଟି



@ ବିଟୁ



@ ପ୍ରେମାନନ୍ଦ



@ ରୀନା



@ ବାପି



@ ସୌମ୍ୟରଞ୍ଜନ

# 'ଛାତ୍ରବତ୍ସଳ ଅଧାପକ ଥିଲେ ଦୟାନିଧି'

**କଟକ ଅଫିସ, ୧୨।୧୦**

ପ୍ରଫେସର ଦୟାନିଧି ସାମନ୍ତରାୟଙ୍କ ଏକାଦଶାହ ଅବସରରେ ନୟାସଡ଼କସ୍ଥିତ ଓଷ୍ଟା ସମ୍ମିଳନୀ କକ୍ଷରେ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍‌କଫର ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢିଆରୀ ସଭାପତିତ୍ୱ କରି କହିଥିଲେ, ଦୟାନିଧି ଏକାଧାରରେ ଶିକ୍ଷକ ଆନ୍ଦୋଳନ ଓ ସଂଗଠନର ନେତା, ଛାତ୍ରବତ୍ସଳ ଅଧାପକ ଥିଲେ। ଏହି ସଭାରେ ଶ୍ରମିକ ନେତା କିଶୋର ଜେନା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଧାପକ ଅଜୟ ସାମଲ, ଖବରଦାତା ସତ୍ୟ ରାୟ, ସିପିଆଇ ନେତା ଅଭୟ ସାହୁ, ଓଷ୍ଟା ଜିଲା ସଭାପତି ଲକ୍ଷ୍ମୀଧର ସାହୁ, ଶିକ୍ଷକ ନେତା ରଞ୍ଜନ କୁମାର ଲେଙ୍କା ପ୍ରମୁଖ ଦୟାନିଧିଙ୍କ ପରଲୋକରେ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ। ସାନନ୍ଦ ସେଠୀ ଧନ୍ୟବାଦ ଦେଇଥିଲେ।

# 'ଅତି ଆପଣାର ଟିଁକିପିଲାଟି ପତ୍ରିକାର ସ୍ଥାନ ସ୍ୱତନ୍ତ୍ର'

**କଟକ ଅଫିସ, ୧୨।୧୦**

ଅତି ଆପଣାର ଟିଁକିପିଲାଟି ପତ୍ରିକାର ଜୟନ୍ତୀ ଉତ୍ସବ ଖାନ୍‌ନଗରସ୍ଥିତ କଟକ ଲେଖକ ସହଯୋଗ ସମିତି କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ପରାମର୍ଶଦାତା କମିଟିର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ପ୍ରଫେସର ତରୁଣ କୁମାର ସାହୁ ଯୋଗଦେଇ କହିଥିଲେ, ଓଡ଼ିଆ ଶିଶୁ-କିଶୋର ପତ୍ରିକା ଇତିହାସରେ 'ଅତି ଆପଣାର ଟିଁକିପିଲାଟି'ର ସ୍ୱତନ୍ତ୍ର ସ୍ଥାନ ରହିଛି। ଶିଶୁ-କିଶୋରଙ୍କ ମନଲାଖି ବିଷୟକୁ ନେଇ ରଚିତ ଗପ, କବିତା, ଭ୍ରମଣ କାହାଣୀ, ଜୀବନକଥା ଦ୍ୱାରା ପତ୍ରିକା ସମୃଦ୍ଧ ହୋଇଛି। ଏଥିସହ ଓଡ଼ିଆ ଶିଶୁସାହିତ୍ୟକୁ ସମୃଦ୍ଧ ଓ ବିକାଶ କରିବା କ୍ଷେତ୍ରରେ ଅତି ଆପଣାର ଟିଁକିପିଲାଟିର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ କହିଥିଲେ। ଡ. ପ୍ରଭାତୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଡ. ସୁନାମଣି ରାଉତ, ସମ୍ମାନିତ ଅତିଥି ଭାବେ ସୋହାଗିନୀ ବେହେରା ଯୋଗଦେଇଥିଲେ। ଅଧାପକ ଆଦିତ୍ୟ ପ୍ରତାପ ଧଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ତ୍ରିଲୋଚନ ମହାକୁଳ, ଗୀତିକବି ସମାଜର ସଭାପତି ମନୋଜ ପଟ୍ଟନାୟକ, ଉତ୍କଳ ସାହିତ୍ୟ ସମାଜର କୋଷାଧ୍ୟକ୍ଷ ଶିବାଶିଷ କର, ଇଂ. ପ୍ରେମାନନ୍ଦ ନାୟକ, ପ୍ରଫୁଲ୍ଲ ସାହୁ ଉପସ୍ଥିତ ଥିଲେ। ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା ଓ ବିଜୟ କୁମାର ନାଥ ଧନ୍ୟବାଦ ଦେଇଥିଲେ।

# କଳା, ସଂସ୍କୃତିକୁ ଅକ୍ଷୟଙ୍କ ସଙ୍ଗୀତ ବିକଶିତ କରିଥିଲା

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)**

କଣ୍ଠଶିଳ୍ପୀ, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ତଥା ଅଭିନେତା ସ୍ୱର୍ଗତ ଅକ୍ଷୟ କୁମାର ମହାନ୍ତିଙ୍କ ୮୭ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଅକ୍ଷୟଙ୍କ ସଙ୍ଗୀତ ପ୍ରତିଭା ରାଜ୍ୟର କଳା ଓ ସଂସ୍କୃତିକୁ ବିକଶିତ କରିଥିଲା ବୋଲି କହିଥିଲେ। ତାଙ୍କର ପ୍ରତ୍ୟେକ ସଙ୍ଗୀତ ସବୁ ବର୍ଗର ବ୍ୟକ୍ତିଙ୍କୁ ପ୍ରଭାବିତ କରିଥିଲା।



ଅକ୍ଷୟ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଚଳଚ୍ଚିତ୍ରଠାରୁ ଆରମ୍ଭ କରି ଆଧୁନିକ ସଙ୍ଗୀତ, ଭଜନ ପ୍ରତି କ୍ଷେତ୍ରରେ ତାଙ୍କର ଗାୟନ ଶୈଳୀ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଛି ବୋଲି ମତ ପ୍ରକାଶ ପାଇଛି।

କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ, ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ମିତ୍ରଭାନୁ ମହାନ୍ତି, ଚିତ୍ରଭାନୁ ମହାନ୍ତି, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ଆବାହକ ପ୍ରବୀର ମହାନ୍ତି, ବାବା ପଞ୍ଚଦେବ, ସତ୍ୟବ୍ରତ ଜେନା, ଅଧାପକ ରମେଶ ଚନ୍ଦ୍ର ପାତାଳ ସିଂହ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମିତ୍ରଭାନୁ, ଚିତ୍ରଭାନୁଙ୍କ ସହିତ ସଫେଇ କର୍ମଚାରୀ କୁନି ସାହୁ ଓ ନନ୍ଦିନୀ କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଲାଇଫ୍ ଗାର୍ଡଙ୍କୁ ସମ୍ବର୍ଦ୍ଧନା

ପୁରୀ ଅଫିସ- ସାମାଜିକ ଅନୁଷ୍ଠାନ ଉର୍ଜାବାନ ଓଡ଼ିଶା ତରଫରୁ ଲାଇଫ୍ ଗାର୍ଡଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗତ ଦୁଇଦିନ ତଳେ ପୁରୀ ସମୁଦ୍ରରେ ୩ଜଣ ପର୍ଯ୍ୟଟକ ଭାସି ଯାଉଥିବା ବେଳେ ନିଜ ଜୀବନକୁ ବାଜି ଲଗାଇ ଲାଇଫ୍ ଗାର୍ଡମାନେ ତାଙ୍କୁ ଉଦ୍ଧାର କରିଥିଲେ। ନିଜର ଅଦମ୍ୟ ସାହସିକତାର ପରିଚୟ ଦେଇଥିବା ଲାଇଫ୍ ଗାର୍ଡମାନଙ୍କୁ ଉର୍ଜାବାନ ଓଡ଼ିଶା ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସଦାସର୍ବଦା ନିଜ ଜୀବନକୁ ବାଜି ଲଗାଇ, ପରିବାର ଘରଦ୍ୱାରକୁ ଭୁଲି ଲୋକଙ୍କ ସୁରକ୍ଷାରେ ନିଜକୁ ନିୟୋଜିତ କରିବାର ଏହି ଅଦମ୍ୟ ପ୍ରୟାସ ଜାରି ରଖିବା ପାଇଁ ସଂଗଠନର ସଭାପତି ସନ୍ତୋଷ କୁମାର ସେନାପତି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ନିହାରିକା ତ୍ରିପାଠୀ, ଚିନ୍ମୟ ଦାଶ, ଦେବଜିତ ଦାସ, ଗୌତମ ସାହୁ, ଜନ୍ମେଶ୍ୱର, ଦେବେନ୍ଦ୍ର ସୁବୁଦ୍ଧି ଏବଂ ଜଗନ୍ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୧୦।୨୦୨୧

| | |
|---|---|
| ୨,୯୪,୬୦୧ ଟଙ୍କା | |
| ସୁନା | ୨୬୦ ମିଲି ଗ୍ରାମ |
| ରୁପା | ୧୦୦ ଗ୍ରାମ |

## ସଂକ୍ଷେପରେ

### ଚୋରି ଗାଡ଼ି ଜବତ, ଜଣେ ଗିରଫ

ପିପିଲି,୧୨।୧୦(ଡି.ଏନ୍.ଏ.): ବଟି ମାଗିବା ଅଭିଯୋଗରେ ପିପିଲି ଥାନା ପୋଲିସ ଚଢ଼ାଉ କରି ଜଣେ ଯୁବକଙ୍କୁ ଧରି ପଚରାଉଚରା କରିବା ପରେ ଏକ ଚୋରି ଗାଡ଼ି ରଖିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସୂର୍ଯ୍ୟକାନ୍ତ ସେଠୀ। ଏଥିସହ ଏକ ଚୋରା ଗାଡ଼ିକୁ ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୪୫୮/୨୧) ରୁଜୁ କରିଛି। କଣ୍ଟି ଛକରେ ମଙ୍ଗଳବାର ୩ଜଣ ଯୁବକ ବାଟୋଇଙ୍କୁ ଭୟଭୀତ କରାଇ ଦାଦାବଟି ମାଗୁଥିବା ପୋଲିସ ଖବରପାଇ ଥିଲା। ଆଇଆଇସି ଅଭିମନ୍ୟୁ ନାୟକ ସେଠାରେ ପହଞ୍ଚି ସୂର୍ଯ୍ୟକାନ୍ତଙ୍କୁ କାବୁ କରିବା ବେଳେ ଅନ୍ୟ ୨ଜଣ ଫେରାର୍ ହୋଇଯାଇଥିଲେ। ସୂର୍ଯ୍ୟକାନ୍ତଙ୍କଠାରୁ ପୋଲିସ ୨ଟି ବାଇକ ଜବତ କରି କାଗଜପତ୍ର ଯାଞ୍ଚ ବେଳେ ସେ ଦେଖାଇପାରି ନ ଥିଲେ। ପୋଲିସ ଯାଞ୍ଚ କରିବାରୁ ସେଥିରୁ ଚୋରି ହୋଇଥିବା ଗାଡ଼ି ରହିଥିବା ଜାଣିଥିଲେ। ଏହି ଅଭିଯୋଗରେ ପୋଲିସ ସୂର୍ଯ୍ୟକାନ୍ତଙ୍କୁ ଗିରଫ କରିଛି।

### ବ୍ୟାଟେରି ଚୋରି, ଜଣେ ଗିରଫ

ପୁରୀ ଅଫିସ,୧୨।୧୦- ରେଲୱେ ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୁରୀ ରେଲୱେ ପୋଲିସ ୭ ଜଣିଆ ବ୍ୟାଟେରି ଚୋର ଗ୍ୟାଙ୍ଗର ଅନ୍ୟଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା କୁଦିଆରି ଅଞ୍ଚଳର ରାକେଶ କୁମାର ପ୍ରଧାନ (୨୫)। ସୂଚନାଯୋଗ୍ୟ, ରେଲୱେ ପୋଲିସ ରେଲ ସାମଗ୍ରୀ ସହ ବ୍ୟାଟେରି ଚୋରି କରିବା ଅଭିଯୋଗରେ ପୂର୍ବରୁ ୭ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଚୋରି ହୋଇଥିବା ୧୫ଟି ବ୍ୟାଟେରି, ୨ଟି ଗାଡି ଏବଂ କିଛି ମୋବାଇଲ ଫୋନ ଜବତ କରିଥିଲା। ତେବେ ଚୋରି ହୋଇଥିବା ରେଲବାଇ ସାମଗ୍ରୀର ମୂଲ୍ୟ ୨.୫ ଲକ୍ଷ ଟଙ୍କା ହେବ ପୋଲିସ କହିଛି। ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ଫେରାର ଥିବା ରାକେଶ ଖୋର୍ଦ୍ଧା ଜିଲାରେ ଥିବା ଖବର ପାଇ ପୋଲିସ ମଙ୍ଗଳବାର ଚଢ଼ାଉ କରି ଧରିଥିଲା। ଏ ନେଇ ରେଲବାଇ ପୋଲିସ ନଂ ୫/୨୧ରେ ଏକ ମାମଲା ରୁଜୁ କରିଥିଲା ।

### ମାରପିଟ କରି ପର୍ଯ୍ୟଟକ ଗିରଫ

ପୁରୀ ଅଫିସ,୧୨।୧୦- ମଦ୍ୟପାନ କରି ମାରପିଟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ଜଣେ ପର୍ଯ୍ୟଟକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମଧପ୍ରଦେଶ ଉଜ୍ଜୟିନି ଶ୍ରୀରାମ କଲୋନୀର ନବୀନ ସିଂହ ତନୱାର। ପୋଲିସ ନଂ ୨୨୦/୨୧ରେ ମାମଲା ରୁଜୁ କରିଛି। ମଧ୍ୟପ୍ରଦେଶର ମାରିଆ ଶେଖାୱତ୍‌ଙ୍କ ପରିବାର ଓ ନବୀନ ତାଙ୍କ ମା ସହ ସୋମବାର ପୁରୀ ବୁଲିବାକୁ ଆସିଥିଲେ। ସ୍ୱର୍ଗଦ୍ୱାର ନିକଟ ହୋଟେଲରେ ରହିଥିଲେ। ରାତିରେ ନବୀନ ମଦ୍ୟପାନ କରି କୌଣସି କାରଣରୁ ମାରିଆଙ୍କୁ ମାରପିଟ କରିଥିଲେ। ଏ ନେଇ ମାରିଆ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ନବୀନକୁ ଗିରଫ କରିଥିଲା।

### ରେଳଧାରଣାରେ ପଡ଼ି ମହିଳା ଆହତ

ପୁରୀ ଅଫିସ,୧୨।୧୦- ରେଳଧାରଣା ଅତିକ୍ରମ କରୁଥିବା ସମୟରେ ମଙ୍ଗଳବାର ଜଣେ ମହିଳା ରେଳଧାରଣାରେ ପଡ଼ି ଆହତ ହୋଇଛନ୍ତି। ରେଲୱେ ପୋଲିସ ମହିଳାଙ୍କୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଆହତ ମହିଳା ହେଲେ ପୁରୀ ଜିଲା ରାମଚଣ୍ଡୀ ଅଞ୍ଚଳର ଗୀତାଞ୍ଜଳି ବେହେରା (୪୦)। ତାଙ୍କର ଡାହାଣ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡିଛି। ପୁରୀ ରେଲୱେ ଥାନା ଆଇଆଇସି ଅନିଲ କୁମାର ସିଂହଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ଦିନ ପ୍ରାୟ ୧୨ଟା ୪୦ରେ ଗୁଣପୁର- ପୁରୀ ଟ୍ରେନ ମାଳତିପାଟପୁର ଷ୍ଟେଶନ ନିକଟରେ ପହଞ୍ଚିବା ସମୟରେ ଗୀତାଞ୍ଜଳି ରେଳ ଧାରଣା ପାର ହୋଇ ବିପରୀତ ପାର୍ଶ୍ୱକୁ ଯିବା ପାଇଁ ଚେଷ୍ଟା କରୁଥିଲେ। ଏହି ସମୟରେ ତାଙ୍କର ଗୋଡ ଖସିଯାଇଥିଲା। ଫଳରେ ସେ ତଳେ ପଡ଼ିଯିବାରୁ ଗୋଡରେ ଆଘାତ ଲାଗିଥିଲା। ତେବେ ସେଠାରେ କାର୍ଯ୍ୟରତ ପୋଲିସ ତାଙ୍କୁ ଉଦ୍ଧାର କରିଥିଲେ।

# ପାଇଖାନା ଦୁର୍ନୀତି: ଭିଜିଲାନ୍ସ ତଦନ୍ତ ଆରମ୍ଭ

ଗୋପ,୧୨।୧୦(ଡି.ଏନ୍.ଏ.):

ପୁରୀ ଜିଲା ଗୋପ ବ୍ଲକର ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ପାଇଖାନା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ମଙ୍ଗଳବାର ଭୁବନେଶ୍ୱର ଭିଜିଲାନ୍ସ ବିଭାଗର ଏକ ୩ଜଣିଆ ଟିମ୍ ଉକ୍ତ ପଞ୍ଚାୟତରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କିନ୍ତୁ ପ୍ରଥମ ଦିନରେ ଉକ୍ତ ପଞ୍ଚାୟତର ୩ଟି ଗାଁରେ ଏହି ଭିଜିଲାନ୍ସ ଟିମ୍ ୭୩ଜଣ ହିତାଧିକାରୀଙ୍କ ପାଇଖାନା ତଦନ୍ତ କରିଥିବା ବେଳେ ସମସ୍ତଙ୍କ ଠିକ୍ ଥିବା ଦେଖିବାକୁପାଇଥିଲେ। ଆଉ ଅବଶିଷ୍ଟ ହିତାଧିକାରୀଙ୍କ ପାଇଖାନା ତଦନ୍ତ କରାଯିବ ବୋଲି ଭିଜିଲାନ୍ସ ବିଭାଗ ଇନ୍ସପେକ୍ଟର ମମିତା ପ୍ରଧାନ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗୋପ ବ୍ଲକର ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ପାଇଖାନା ନିର୍ମାଣରେ ବ୍ୟାପକ ଅନିୟମିତତା ହେବା ନେଇ ଅଭିଯୋଗ ହୋଇଥିଲା। ପଞ୍ଚାୟତରେ ୭୦୨ଟି ପାଇଖାନା ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ହେବାକୁ ଥିବାବେଳେ ବ୍ୟକ୍ତିଗତ ଭାବେ ହିତାଧିକାରୀମାନେ ନିର୍ମାଣ କରିଥିବା ବେଳେ ଆଉ କିଛି କୋଣାର୍କ ଅଞ୍ଚଳର ଏକ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ପାଇଖାନା ନିର୍ମାଣ କରିଥିଲା। କିନ୍ତୁ ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଥିବା କେତେଜଣ ଲୋକ ଜାଣିବା ପରେ କିଛିଦିନ ତଳେ ଭିଜିଲାନ୍ସ ଦ୍ୱାରସ୍ଥ ହୋଇଥିଲେ। ଏହି ଅଭିଯୋଗକୁ ମଙ୍ଗଳବାର ପୂର୍ବାହ୍ନରେ ଭୁବନେଶ୍ୱର ଭିଜିଲାନ୍ସ ବିଭାଗ ମହିଳା ଇନ୍ସପେକ୍ଟର ପ୍ରଧାନଙ୍କ ନେତୃତ୍ୱରେ ଏହି ଟିମ ପ୍ରଥମେ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ପହଞ୍ଚି ହିତାଧିକାରୀ କେଉଁଠି ଟଙ୍କା ପାଇଲେ, କେତେ ଟଙ୍କା ପାଇଛନ୍ତି ପଚାରିଥିଲେ। ହିତାଧିକାରୀମାନେ ଏହି ଯୋଜନାରେ ୧୨ହଜାର ଟଙ୍କା ପାଇବା ସହ କାହାରିକୁ ହାତଗୁଞ୍ଜା ଦେଇ ନାହାନ୍ତି ବୋଲି କହିବା ସହ ଅଭିଯୋଗ କରିଥିବା ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଏପରି କରିଥିବା ଭିଜିଲାନ୍ସ ଅଧିକାରୀଙ୍କୁ କହିଥିଲେ। ତଦନ୍ତ ସମୟରେ ବ୍ଲକର କନିଷ୍ଠଯନ୍ତ୍ରୀ ସତ୍ୟନାରାୟଣ ତ୍ରିପାଠୀ, ସାମାଜିକ କର୍ମୀ ନିରୁପମା ସ୍ୱାଇଁ, ଅଜୟ ଜେନା, ରମଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ଏକ ଗ୍ରାମରେ ଭିଜିଲାନ୍ସ ଟିମ୍ ତଦନ୍ତ କରୁଛି ।

# ମା' ବିମଳାଙ୍କୁ ଲାଗିହେଲା କାକୁଡ଼ି ବଳି

ପୁରୀ ଅଫିସ,୧୨।୧୦

### କୋଭିଡ୍ କଟକଣା ମାନି ଦର୍ଶନ କଲେ ଭକ୍ତ

ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ପବିତ୍ର ମହାଷ୍ଟମୀ ନୀତି ଶ୍ରୀମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଷୋଡ଼ଶ ଉପଚାର ସହ ମା'ଙ୍କ ଗୁପ୍ତପୂଜା ଅନୁଷ୍ଠିତ ହେଉଛି। ନିଶାର୍ଦ୍ଧରେ ମା' ବିମଳାଙ୍କ ନିକଟରେ ବଳି ପଡ଼ିଛି। ବିମଳାଙ୍କ ପ୍ରତିନିଧି ମା'କାକୁଡିଖାଇଙ୍କ ଅନୁରୂପ ଭାବରେ ପ୍ରତୀକାତ୍ମକ କାକୁଡ଼ି ବଳି ଦିଆଯାଇଛି। ଶ୍ରୀକ୍ଷେତ୍ରର ଅଷ୍ଟଶକ୍ତି ଦେବୀପୀଠରେ ମହାଷ୍ଟମୀ ପାଳିତ ହୋଇଥିବା ବେଳେ ପୂଜାମଣ୍ଡପଗୁଡିକରେ କିନ୍ତୁ ସପ୍ତମୀ ନୀତି ପାଳିତ ହେଉଛି। ଶ୍ରୀକ୍ଷେତ୍ରର କ୍ଷେତ୍ରଧୀଶ୍ୱରୀ ମା' ବିମଳାଙ୍କ ସହ ସମସ୍ତ ଶକ୍ତିପୀଠ ଓ ମହାଷ୍ଟମୀ ପୂଜା ନିରାଡ଼ମ୍ବରରେ ଅନୁଷ୍ଠିତ ହୋଇଛି। କୋଭିଡ କଟକଣା ମାନି ମା'ଙ୍କ ଦର୍ଶନ କରି ଶ୍ରଦ୍ଧାଳୁ ସଂସାରର ମଙ୍ଗଳ କାମନା ସହ ବିଶ୍ୱରୁ କରୋନା ମହାମାରୀ ଖୁବ୍‌ଶୀଘ୍ର ଦୂରେଇ ଯାଉ ବୋଲି କାମନା କରିଛନ୍ତି। ପୂଜାମଣ୍ଡପଗୁଡ଼ିକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ପୂଜା ହେଉଛି। ବାସେଲୀ ସାହିର ପଣାପ୍ରିୟା ଠାକୁରାଣୀ, ଗୌଡ଼ବାଡ଼ ସାହିର ଜହ୍ନିଖାଇ ଠାକୁରାଣୀ, ହରଚଣ୍ଡୀ ସାହିର ମହେତଶ୍ୱରୀ ଠାକୁରାଣୀ, ମଣିକର୍ଣ୍ଣିକା ସାହି ଠାକୁରାଣୀ, ଚନ୍ଦନ ହଜୁରୀ ଲେନର ହରପ୍ରିୟା ଠାକୁରାଣୀ, ଦୋଳମଣ୍ଡପ ସାହିର ଜହ୍ନିଖାଇ ଠାକୁରାଣୀ ଓ ହରଚଣ୍ଡୀ ସାହିର ମା' ବାରବାଟୀଙ୍କ ସହ ବିଭିନ୍ନ ସାହିରେ ଥିବା ପୂଜାମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। କଟକଣା କାରଣରୁ ଚଳିତବର୍ଷ ମଧ୍ୟ ପୂଜା ମଣ୍ଡପଗୁଡ଼ିକରେ ଭକ୍ତଙ୍କ ସମାଗମ କମ୍ ରହିଥିବା ଦେଖିବାକୁ ମିଳିଛି।

# ଉଜଡ଼ା ଘରର କଥା ଲୋକାର୍ପିତ

ପୁରୀ ଅଫିସ,୧୨।୧୦

ବିଶିଷ୍ଟ ଲେଖକ ଡ. ହେମନ୍ତ କୁମାର ଛୋଟରାୟଙ୍କ ରଚିତ ଏବଂ ପକ୍ଷୀଘର ପ୍ରକାଶନୀ ଭୁବନେଶ୍ୱର ଦ୍ୱାରା ପ୍ରକାଶିତ ଗଳ୍ପ ସଙ୍କଳନ 'ଉଜଡ଼ା ଘରର କଥା' ନବକଳେବର ରୋଡସ୍ଥିତ ନିଜସ୍ୱ ବାସଭବନରେ ପରିବାର ସଦସ୍ୟ ଓ ବନ୍ଧୁବର୍ଗଙ୍କ ଗ୍ରହଣରେ ମଙ୍ଗଳବାର ଲୋକାର୍ପିତ ହୋଇଛି। ପୁସ୍ତକଟି ଲେଖକଙ୍କ ଧର୍ମପତ୍ନୀ ନିର୍ମଳା ଫତେସିଂହଙ୍କୁ ଉତ୍ସର୍ଗ ହୋଇଥିବାରୁ ତାଙ୍କରି କରକମଳରେ ଏହା ଲୋକାର୍ପିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଗୀତିକବି ବଦ୍ରି ମିଶ୍ର, ସାମାଜିକ କର୍ମୀ ନାରାୟଣ ରାଉତରାୟ, କବି ଶ୍ୟାମପ୍ରକାଶ ସେନାପତି, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ମିନତୀ ପଟ୍ଟନାୟକ, ପ୍ରଶାନ୍ତ ବଳିୟାର ସିଂହ, ହାଡିବନ୍ଧୁ ଚମ୍ପତି, ଗଦାଧର ପ୍ରଧାନ, ଶିକ୍ଷକ ନେତା ସୁଶାନ୍ତ ଛୋଟରାୟ ଓ ରାଜଶ୍ରୀ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମମତା ପଟ୍ଟନାୟକ, କାଞ୍ଚନ ଦଳେଇ, ସୁସ୍ମିତା ରଥ, ସବିତା ଦାଶ, ସୁଲୋଚନା ମିଶ୍ର ଓ ସୁନନ୍ଦ ପଟ୍ଟନାୟକ ପ୍ରମୁଖ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସର୍ବଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ଛୋଟରାୟ ଧନ୍ୟବାଦ ଦେଇଥିଲେ।



ଲେଖକ ହେମନ୍ତ ଛୋଟରାୟଙ୍କ ଗଳ୍ପ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।




# ସଞ୍ଜୀବ ହିରୋ ପକ୍ଷରୁ ଶୁଭସ୍ମିତାଙ୍କୁ ଉପହାର

ପୁରୀ ଅଫିସ, ୧୨।୧୦

ପୁରୀ ଟାଉନ ହଲଛକସ୍ଥିତ ସଞ୍ଜୀବ ହିରୋ ଶୋ'ରୁମ୍ ପକ୍ଷରୁ ଶାରଦୀୟ ପାର୍ବଣ ଅବସରରେ ବିଭିନ୍ନ ଗାଡ଼ି ଉପରେ ରିହାତି ସହିତ ଉପହାର ପ୍ରଦାନ କରାଯାଇଛି। ବିଶେଷକରି ଗ୍ରାହକଙ୍କ ଚାହିଦା ଅନୁଯାୟୀ କମ୍ ଡାଉନ ପେମେଣ୍ଟର ସୁବିଧା ରହିଛି। ଏ ନେଇ ସଞ୍ଜୀବ ହିରୋର ପରିଚାଳନା ନିର୍ଦ୍ଦେଶକ ଅମିତ୍ ମଲ୍ଲିକ କହିଛନ୍ତି, ହିରୋର ବିଭିନ୍ନ ମଡେଲ ବାଇକ୍ କିଣିବା ଲାଗି ବିଶେଷ କରି ଯୁବବର୍ଗଙ୍କ ମଧ୍ୟରେ ଉତ୍ସୁକତା ଦେଖିବାକୁ ମିଳୁଛି। ତେଣୁ ଗ୍ରାହକଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ହିରୋ ମୋଟୋର୍ସ ପକ୍ଷରୁ ବିଭିନ୍ନ ମଡେଲର ଗାଡ଼ି ଉପରେ ରିହାତି ସହିତ ଲକି ଡ୍ର ଉପହାର ପ୍ରଦାନ କରାଯାଉଛି। ମଙ୍ଗଳବାର ହୋଇଥିବା ଲକି ଡ୍ର'ର ଭାଗ୍ୟଶାଳୀ ବିଜେତା ହୋଇଛନ୍ତି ଶୁଭସ୍ମିତା ସାହୁ। ତାଙ୍କୁ ସଞ୍ଜୀବ ହିରୋ ପକ୍ଷରୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଛି। ଦଶହରା ପର୍ଯ୍ୟନ୍ତ ଏହି ଲକି ଡ୍ର ଚାଲୁରହିବ। ଏହି ସମୟ ମଧ୍ୟରେ ଗାଡି କିଣିଲେ ଗ୍ରାହକ ୨୦ ହଜାର ପର୍ଯ୍ୟନ୍ତ ବେନିଫିଟ ପାଇପାରିବେ।




# ପୋଲରୁ ନଦୀକୁ ଖସି ବୃଦ୍ଧଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୧୨।୧୦(ଡି.ଏନ୍.ଏ.):

### ପ୍ରାତଃ ଭ୍ରମଣରେ ଯାଉଥିଲେ

ସତ୍ୟବାଦୀ ଥାନା ଅଞ୍ଚଳରେ ମଙ୍ଗଳବାର ସକାଳୁପ୍ରାତଃଭ୍ରମଣରେ ଯାଉଥିବାବେଳେ ପୋଲରୁ ନଦୀକୁ ଖସିପଡ଼ି ଜଣେ ବୃଦ୍ଧଙ୍କ ଜୀବନ ଚାଲିଯାଇଛି। ସେ ହେଲେ ଏହି ଥାନା ଅଧୀନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ମଧୁବନ ମାଳ ଗ୍ରାମର ଉମାକାନ୍ତ ଭୋଇ (୬୫)। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ପ୍ରତିଦିନ ଭଳି ଉମାକାନ୍ତ ମଙ୍ଗଳବାର ସକାଳେ ପ୍ରାତଃ ଭ୍ରମଣରେ ଯାଇଥିଲେ। ତେବେ ଗ୍ରାମ ନିକଟସ୍ଥ ଏକ ଅସ୍ଥାୟୀ ପୋଲ ଉପରେ ଚାଲୁଥିବାବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ରତ୍ନଚିରା ନଦୀକୁ ଖସିପଡ଼ିଥିଲେ। ଅନ୍ୟପଟେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପରିବାର ଲୋକ ଓ ସାକ୍ଷୀଗୋପାଳ ଦମକଳ କେନ୍ଦ୍ର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ଖୋଜାଖୋଜି କରି ଉମାକାନ୍ତଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନା ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଗ୍ରାମରେ ଅସ୍ଥାୟୀ ପୋଲଟି ଥିବାରୁ ଜଣେ ସାଧାରଣ ଲୋକଙ୍କ ଜୀବନ ଯାଇଛି ବୋଲି ଗ୍ରାମବାସୀ କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମଧୁବନ ମାଳରେ ରହୁଥିବା ପ୍ରାୟ ପରିବାର ନଦୀପାର ହୋଇ ଯିବାପାଇଁ ରତ୍ନାଚିରା ନଦୀ ଉପରେ ଏକ ଅସ୍ଥାୟୀ ବାଉଁଶ ପୋଲ ରହିଥିଲା। ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ପରେ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଉଦ୍ୟମରେ ଏକ ସେତୁ ନିର୍ମାଣ କାମ ଚଳିତବର୍ଷ ଆରମ୍ଭ ହୋଇଥିଲା। ମାତ୍ର ବର୍ଷାପାଣି ଆସିଯିବାରୁ ନିର୍ମାଣ କାର୍ଯ୍ୟଟି ଅଟକିଯାଇଛି।

# ମା' ମଙ୍ଗଳାଙ୍କ ମହିଷମର୍ଦ୍ଦିନୀ ବେଶ

କାକଟପୁର,୧୨।୧୦(ଡି.ଏନ୍.ଏ.):

କାକଟପୁରର ଅଧିଷ୍ଠାତ୍ରୀ ମା' ମଙ୍ଗଳା ସୋମବାର ସିଂହବାହିନୀ ବେଶରେ ଦର୍ଶନ ଦେବାପରେ ମଙ୍ଗଳବାର ମହିଷମର୍ଦ୍ଦିନୀ ବେଶରେ ଦର୍ଶନ ଦେଇଛନ୍ତି। ପ୍ରାତଃରୁ ମା'ଙ୍କର ମଙ୍ଗଳ ଆଳତି, ସ୍ନାନ ମାର୍ଜନା ଓ ବେଶ ପରେ ସର୍ବସାଧାରଣ ଦର୍ଶନ ନିମନ୍ତେ ପହୁଡ଼ ଖୋଲାଯାଇଥିଲା। ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବଲ୍ଲଭ ନୀତିପରେ ସକାଳ ଧୂପ, ଦ୍ୱିପ୍ରହର ଧୂପ ଓ ଭଅଣ୍ଡ ନୀତି କରାଯାଇ ମା'ଙ୍କର ପହୁଡ଼ ପଡିଥିଲା। ସନ୍ଧ୍ୟା ଆଳତି ପରେ ମା'ଙ୍କୁ ପୁନଃ ସ୍ନାନ ମାର୍ଜନା କରାଯାଇ ମହିଷମର୍ଦ୍ଦିନୀ ବେଶରେ ସଜ୍ଜିତ କରାଯାଇଥିଲା। ମହିଷସୁରର ଏକ ମୃଣ୍ମୟୀ ମୂର୍ତ୍ତି ମା'ଙ୍କ ପାଦତଳେ ରଖାଯାଇ ମା'ଙ୍କ ହାତରେ ତ୍ରିଶୂଳ ଧରାଇ ମହିଷସୁରର ବକ୍ଷ ଭେଦରେ ସଜ୍ଜିତ କରାଯାଇଥିଲା। ଏହାକୁ ମା'ଙ୍କର ମହିଷମର୍ଦ୍ଦିନୀ ବେଶ ଭାବେ ପ୍ରଚଳିତ ହୋଇଆସୁଅଛି। ଭ୍ରମଣ ନୀତି ପରେ ମା'ଙ୍କର ସାହାଣମେଳା କରାଯାଇ ମାତୃଭକ୍ତମାନେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ବିଳମ୍ବିତ ପ୍ରହରରେ ରାତ୍ରି ଧୂପ ପରେ ସନ୍ଧି ପୂଜା, ହୋମଯଜ୍ଞ କରାଯାଇ କୁଷ୍ମାଣ୍ଡ ବଳି କରାଯାଇଥିଲା।

# ମନୀଷଙ୍କ ଶ୍ୱାସରୁଦ୍ଧରୁ ମୃତ୍ୟୁ ସନ୍ଦେହ

### ସାମ୍ବାଦିକ ନବୀନ ଦାସଙ୍କ ପୁଅ ହତ୍ୟା ମାମଲା

ଭୁବନେଶ୍ୱର,୧୨।୧୦(ବ୍ୟୁରୋ)

ଭୁବନେଶ୍ୱର ଉପକଣ୍ଠ ପାତ୍ରପଡ଼ା ଗାଁ ପୋଖରୀରୁ ରବିବାର ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ବଡ଼ପୁଅ ମନୀଷ ଅନୁରାଗ ଦାସଙ୍କ ମୃତଦେହ ମିଳବା ଘଟଣା ଦିନକୁ ଦିନ ରହସ୍ୟଘେରକୁ ଟାଣି ହୋଇଯାଉଛି। ଏହି ଘଟଣାକୁ ୩ଦିନ ବିତିଯାଇଥିଲେ ବି ମନୀଷଙ୍କ କିପରି ମୃତ୍ୟୁ ହୋଇଛି, ତା'ର ପ୍ରକୃତ କାରଣ କମିଶନରେଟ ପୋଲିସ ଉନ୍ମୋଚନ କରିପାରି ନାହିଁ। ଏହି ଘଟଣାରେ ବ୍ୟବଚ୍ଛେଦ ବୃତ୍ତାନ୍ତ ରିପୋର୍ଟ ଆସି ନ ଥିଲେ ସୁଦ୍ଧା ପ୍ରାଥମିକ ରିପୋର୍ଟରୁ ମନୀଷଙ୍କ ଶ୍ୱାସରୁଦ୍ଧରୁ ମୃତ୍ୟୁ ହୋଇଥାଇପାରେ ବୋଲି ଏମ୍ସର ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ ମଙ୍ଗଳବାର ସୂଚନା ଦେଇଛନ୍ତି।

ମନୀଷ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଭୋର୍ ୪ଟା ୧୨ରୁ ତାହା ସୁଇଚ୍ ଅଫ୍ ହୋଇଯାଇଥିଲା। ରବିବାର ସକାଳେ ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଅପରାହ୍ନ ୨ଟାରେ ପାତ୍ରପଡ଼ା ଗାଁ ପୋଖରୀରୁ ତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଜବତ କରାଯାଇଥିଲା। ଏନେଇ ଇନ୍‌ଫୋସିଟି ଥାନା ପୋଲିସ ହତ୍ୟା ମାମଲା (ନଂ.୨୨୨/୨୧) ରୁଜୁ କରିଥିଲା।



ଜବତ କାର।



ହୋଟେଲରୁ ବାହାରି ମନୀଷ ଚାଲିଚାଲି ଯାଉଥିବାର ଦୃଶ୍ୟ।

### ମନୀଷ ଯାଇଥିବା କାର୍ ଜବତ, ୨ ଅଟକ

ଇନ୍‌ଫୋସିଟି ଛକସ୍ଥିତ ଗ୍ୱାଭା ଆଇସ୍‌କ୍ରିମ୍ ପାର୍ଲର ସମ୍ମୁଖରେ ଶନିବାର ସନ୍ଧ୍ୟାରେ ମନୀଷ ନିଜ କାର୍ ଥୋଇ ୨ସାଙ୍ଗଙ୍କ ସହ ଅନ୍ୟ ଏକ କାର୍(ଓଡି୦୨ ଏକ୍ସ ୯୬୯୬)ରେ ଯାଇଥିଲେ। ମଙ୍ଗଳବାର ଉକ୍ତ କାରକୁ ପୋଲିସ ଜବତ କରିଛି। ଏଥିସହିତ ମନୀଷଙ୍କ ଜଣେ ସାଙ୍ଗ ଏବଂ ଅନ୍ୟ ଜଣେ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଜାରି ରଖିଛି। ତେବେ ସେମାନଙ୍କ ସମ୍ପର୍କରେ କିଛି ସୂଚନା ଦେବାକୁ ଡିସିପି ଉମାଶଙ୍କର ଦାଶ ମନା କରିଦେଇଛନ୍ତି। ଅପରପକ୍ଷରେ ଶନିବାର ରାତିରେ ମନୀଷ ଓ ତାଙ୍କ ସାଙ୍ଗଙ୍କ ମଧ୍ୟରେ ଟଙ୍କା ଦିଆନିଆକୁ ନେଇ ବଚସା ହୋଇଥିଲା ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏହି ଝଗଡାକୁ କେନ୍ଦ୍ର କରି ସାଙ୍ଗମାନେ କିଛି ଆପରାଧିକ ଘଟଣା ଘଟାଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦର ବୃତ୍ତାନ୍ତ ରିପୋର୍ଟ, ଭିସେରା ଓ ଡାଏଟମ୍ ରିପୋର୍ଟକୁ ପୋଲିସ ଅପେକ୍ଷା କରିଛି। ଏସବୁ ରିପୋର୍ଟ ଆସିବା ପରେ ମନୀଷଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ଏହି ଘଟଣାରେ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସହ ତମାଣ୍ଡୋ ଓ ଇନ୍‌ଫୋସିଟି ଥାନା ପୋଲିସ ମିଳିତ ଭାବେ ତଦନ୍ତ ଚଳାଇଛନ୍ତି।

### ହୋଟେଲରୁ ମନୀଷ ଏକୁଟିଆ ଚାଲିଚାଲି ଯାଉଥିବା ମିଳିଲା ସିସିଟିଭି ଫୁଟେଜ୍

ମନୀଷ ଶନିବାର ସନ୍ଧ୍ୟାରେ ଜଣେ ସାଙ୍ଗଙ୍କ ସହ ଏକ ଶୋ' ରୁମ୍‌ରୁ ଡ୍ରେସ୍ କିଣି ଘରକୁ ଫେରିବା ପରେ ଇନ୍‌ଫୋସିଟି ଛକ ନିକଟକୁ ଯାଇଥିଲେ। ସେଠାରୁ ୨ଜଣ ସାଙ୍ଗଙ୍କ ସହ ଅନ୍ୟ ଏକ କାର୍‌ରେ ପାତ୍ରପଡ଼ା ଯାଇଥିଲେ। ସେଠାରେ ଥିବା ସାଉଥସିଟି ହୋଟେଲରେ ମନୀଷ ରାତିରେ ରହିଥିବା ନେଇ ତଦନ୍ତ ସମୟରେ ଜଣାପଡ଼ିବା ପରେ ସୋମବାର ପୋଲିସ ଉକ୍ତ ହୋଟେଲକୁ ସିଲ୍ କରିବା ସହ ସେଠାରେ ଲାଗିଥିବା ସମସ୍ତ ସିସିଟିଭିର ହାର୍ଡ ଡିସ୍କକୁ ଜବତ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ ପରେ ଘଟଣା ଦିନ ବିଳମ୍ବିତ ରାତି ୩ଟା୨୯ ମିନିଟରେ ମନୀଷ ଉକ୍ତ ହୋଟେଲରୁ ବାହାରି ଏକୁଟିଆ ଚାଲି ଚାଲି ଯାଉଥିବାର ଜାଣିବାକୁ ମିଳିଛି। ତେବେ ତାଙ୍କ ସହିତ ଥିବା ୨ସାଙ୍ଗ କୁଆଡ଼େ ଗଲେ, ସେନେଇ ପୋଲିସ ଅଧିକ ତନାଘନା କରୁଛି।

# ଅନଲାଇନ୍ ଗୁପ୍ତ ଗୁଣ୍ଡିଚା ସଙ୍ଗୀତ ପ୍ରତିଯୋଗିତା

ପୁରୀ ଅଫିସ,୧୨।୧୦

ପବିତ୍ର ଦଶହରା ପର୍ବ ଅବସରରେ ଶ୍ରୀକ୍ଷେତ୍ର ତଥା ଓଡ଼ିଶାର ସ୍ୱନାମଧନ୍ୟ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗବେଷଣା କେନ୍ଦ୍ର ଶ୍ରୀଜଗନ୍ନାଥ ସଙ୍ଗୀତ କଳା ମହାବିଦ୍ୟାଳୟ ପୁରୀ ପରିବାର ତରଫରୁ ଅନଲାଇନ ମାଧ୍ୟମରେ ସର୍ବଭାରତୀୟ ସ୍ତରରେ ଅନଲାଇନ ଗୁପ୍ତ ଗୁଣ୍ଡିଚା ଭଜନ ପ୍ରତିଯୋଗିତା ହେବ। ଏଥିସହ ଜଣାଣ, ଓଡ଼ିଶୀ ନୃତ୍ୟ, ଭଜନ ନୃତ୍ୟ, ତବଲା, ମର୍ଦ୍ଦଳ ଓ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ। ୩ବର୍ଷରୁ ଊର୍ଦ୍ଧ୍ୱ ବୟସର ପୁଅ ଓ ଝିଅମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କୃତୀ ପ୍ରତିଯୋଗୀଙ୍କୁ ଅନଲାଇନ ମାଧ୍ୟମରେ ଆକର୍ଷଣୀୟ ପ୍ରମାଣପତ୍ର ସହିତ ଆସନ୍ତା ଡିସେମ୍ବରରେ ଅନୁଷ୍ଠାନ ତରଫରୁ ଅନୁଷ୍ଠିତ ହେବାକୁ ଯାଉଥିବା ମେଗା ସାଂସ୍କୃତିକ ମହୋତ୍ସବରେ ପୁରସ୍କାର ପ୍ରଦାନ କରାଯିବ। ତେଣୁ ଆଗ୍ରହୀ ପ୍ରତିଯୋଗୀ ଚଳିତ ମାସ ୧୭ ତାରିଖ ମଧ୍ୟରେ ୯୪୩୮୪୬୫୫୭୭ ଓ ୮୨୪୯୪୪୯୬୫୬ରେ ଯୋଗାଯୋଗ କରିବା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ନିଆଳି,୧୨।୧୦(ଡି.ଏନ୍.ଏ.):** ନିଆଳି ସିନେମା ହଲ୍ ନିକଟସ୍ଥ ଏକ ଗ୍ୟାରେଜରୁ ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ଜବତ କରିଛି। ସେ ହେଲେ ନିଆଳି ଥାନା ଅଧୀନ ନିଆଳି ସାହିର ସତ୍ୟଜିତ୍ ପଟ୍ଟନାୟକ। ତେବେ ତାଙ୍କୁ ହତ୍ୟା କରି ଗ୍ୟାରେଜ ମଧ୍ୟରେ ରଶିରେ ଝୁଲାଇ ଦିଆଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୧) ରୁଜୁ ହୋଇଛି। ଏ ସମ୍ପର୍କରେ ଥାନାଧିକାରୀ ବିଜୟ କୁମାର ମଲ୍ଲିକ କହିଛନ୍ତି, ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡିବ।

### ଝରକା ଗ୍ରୀଲ୍ ତାଡ଼ି ଚୋରି

**ବାଲିଅନ୍ତା,୧୨।୧୦(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ ବେଣୁପୁର ଗ୍ରାମ ମଝିଗଡ଼ ସାହିର ହୃଦାନନ୍ଦ ଜେନାଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ବାହାରପଟ ଝରକା ଗ୍ରୀଲକୁ ତାଡ଼ି ଘର ଭିତରକୁ ପଶିଥିଲେ। ଘରେ ଶୋଇଥିବା ଲୋକଙ୍କୁ ବାହାରପଟୁ ତାଲା ପକାଇ ଦେଇଥିଲେ। ଅନ୍ୟ ଏକ ଘରେ ଶୋଇଥିବା ଜଣେ ମହିଳାଙ୍କ ବେକରୁ ସୁନା ଚେନ ନେଇଯାଇଥିଲେ। ଏହି ସମୟରେ ମହିଳା ପାଟି କରିବାରୁ ଚୋରମାନେ ଘର ପଛପଟ ବିଲ ଗହୀର ଭିତରେ ପଶି ଖସି ପଳାଇଥିଲେ। ଦୁର୍ବୃତ୍ତମାନେ ଘରେ ଥିବା ଜିନିଷପତ୍ର ଏଣେତେଣେ ଫୋପାଡ଼ିବା ସହ ଏକ ମନିପର୍ସରେ ଥିବା ୧୨ଶହ ଟଙ୍କା ନେଇଯାଇଥିଲେ। ଏ ନେଇ ହୃଦାନନ୍ଦ ମଙ୍ଗଳବାର ବାଲିଅନ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ତମାଣ୍ଡୋ କ୍ଲବ ସେମିରେ
#### ପରିଛଳ କପ୍ କ୍ରିକେଟ ଟୁର୍ନାମେଣ୍ଟ

**ବେଗୁନିଆ,୧୨।୧୦(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅନ୍ତର୍ଗତ ପରିଛଳସ୍ଥିତ ଖେଳପଡ଼ିଆରେ ଚାଲିଥିବା ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ କଟକର କମାଣ୍ଡୋ ୧୧ କ୍ଲବକୁ ହରାଇ ତମାଣ୍ଡୋ କ୍ରିକେଟ କ୍ଲବ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ତମାଣ୍ଡୋ କ୍ଲବ ଟସ୍ ଜିତିବା ସହ ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୬୦ରନ ସଂଗ୍ରହ କରିଥିଲା। ଜବାବରେ କଟକର ତମାଣ୍ଡୋ୧୧ କ୍ଲବ ୨୦ଓଭରରେ ୯ଉଇକେଟ ହରାଇ ୧୫୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବିଜୟୀ ଟିମର ହେମନ୍ତ ବିଶ୍ୱାଳ ୩୩ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଅନୁପ ଜେନା ଓ ଶ୍ରୀନିବାସ ବାରିକ ମ୍ୟାଚ୍ ପରିଚାଳନା କରିଥିବା ବେଳେ କୈଳାସ ମହାପାତ୍ର ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ।

# ଏବେ ବି ସହାୟତା ଅପେକ୍ଷାରେ ବିପନ୍ନ

**ଫାଇଲିନକୁ ପୂରିଲା ୮ ବର୍ଷ**

**ପୁରୀ ଅଫିସ,୧୨।୧୦**

ଓଡ଼ିଶା ପାଇଁ ଅକ୍ଟୋବର ଏବେ ବାତ୍ୟା ମାସ ଭାବେ ଜଣା। ଓଡ଼ିଶାକୁ ଆସୁଥିବା ବାତ୍ୟାର ଅଧିକାଂଶ ପୂର୍ବ ଉପକୂଳର ପୁରୀ ସହରକୁ ଅଳ୍ପବହୁତ ପ୍ରଭାବିତ କରେ। ଏହି ଅକ୍ଟୋବରରେ ହିଁ ୧୯୯୯ ମହାବାତ୍ୟାଠାରୁ ଆରମ୍ଭ କରି ଫାଇଲିନ୍, ତିତିଲି ଓ ହୁଡ୍‌ହୁଡ୍ ଇତ୍ୟାଦି ବାତ୍ୟା ହୋଇଛି। ଫାଇଲିନ୍ ଓ ହୁଡ୍‌ହୁଡ୍ ୨ଟି ଯାକ ବାତ୍ୟାକୁ ୮ ବର୍ଷ ପୂରିଛି। ପୁରୀ ସହରର ଆର୍ଥିକ ମେରୁଦଣ୍ଡକୁ ଏହି ଦୁଇ ବାତ୍ୟା ପ୍ରଭାବିତ କରି ଚାଲିଯାଇଥିବା ବେଳେ ଏହାର ପଦଚିହ୍ନ ଏବେ ମଧ୍ୟ ଜଳଜଳ ହୋଇ ଦିଶେ। ଫଳରେ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନମାନେ ଏବେ ବି ସହାୟତା ଅପେକ୍ଷାରେ ଚାହିଁ ରହିଛନ୍ତି। ନାରିକେଳ ଚାଷ ଓ ବିକ୍ରି ପାଇଁ ସାରା ରାଜ୍ୟରେ ଜଣାଶୁଣା ସାକ୍ଷୀଗୋପାଳ ପୁରୀ ଜିଲାରେ ଅବସ୍ଥିତ। ଫାଇଲିନ ଭଳି ବାତ୍ୟା ଏଭଳି ଚାଷ ଓ ଏହାର ଚାଷୀଙ୍କୁ ବ୍ୟାପକ ପ୍ରଭାବିତ କରି ଛାଡ଼ିଛି। ପରେ ସରକାରଙ୍କ ତରଫରୁ କ୍ଷତିପୂରଣ ମିଳିଥିଲେ ଗଛକୁ ପୁଣି ଥରେ ବଡ଼ କରି ଚାଷ ଉପଯୋଗୀ କରିବା ପାଇଁ ଯେଉଁ ସମୟ ଦରକାର ତାହା କେହି ଦେଇପାରି ନ ଥିଲେ ବୋଲି ନଡ଼ିଆ ଚାଷୀ ଆଶୁତୋଷ ମିଶ୍ର କହିଛନ୍ତି।

ଫାଇଲିନ୍ ପରେ ନଡ଼ିଆ ଚାଷକୁ ନେଇ ଚାଷୀମାନେ ଏକରକମର ନୈରାଶ୍ୟଜନକ ସ୍ଥିତିକୁ ଚାଲି ଆସିଥିଲେ। ସେହିଭଳି ସରକାରୀ ସ୍ତରରେ ନଡ଼ିଆ ଚାଷକୁ ବାତ୍ୟା ପରେ ପ୍ରୋତ୍ସାହନ ମିଳୁଥିଲେ ମଧ୍ୟ ଏହା ଏକ ସମୟସାପେକ୍ଷ ଚାଷ ହୋଇଥିବା ହେତୁ ଚାଷୀ ମେରୁଦଣ୍ଡ ସମ୍ଭାଳିବାକୁ ସମୟ ଲାଗେ। ଅନ୍ୟପକ୍ଷରେ ସମୁଦ୍ର ଉପକୂଳବର୍ତ୍ତୀ ବ୍ଲକ୍ ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ଅସ୍ତରଙ୍ଗ ଏହି ବାତ୍ୟାରେ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲେ। ପୁରୀ ସହରରେ ୧ ଲକ୍ଷ ପାଖାପାଖି ଲୋକଙ୍କୁ ସେତେବେଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଅଧିକାଂଶ ଲୋକେ ବାତ୍ୟା ପରେ ବାସଗୃହ ହରାଇଥିଲେ। ସରକାରୀ ସ୍ତରରେ ବାସଗୃହ ଯୋଗାଇବା ପାଇଁ ସମସ୍ତ ପ୍ରଚେଷ୍ଟା ହୋଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣ ଦେଇ ଫାଇଲିନ ସହାୟତା ମାଗୁଛନ୍ତି। ଶ୍ରେଣୀ-୫ର ବାତ୍ୟାର ଭାବେ ମାନ୍ୟତା ପାଇଥିବା ଫାଇଲିନ୍ ସାରା ଓଡ଼ିଶାକୁ ଓ ବିଶେଷ ଭାବେ ଉପକୂଳ ଓଡ଼ିଶାକୁ ଅକଥନୀୟ ଯନ୍ତ୍ରଣା ଦେଇ ଯାଇଛି। ମାତ୍ର ଏବେ ମଧ୍ୟ ଲୋକେ ଫାଇଲିନ୍‌ର କଷଣକୁ ବୋହୁଛନ୍ତି। ସେହିଭଳି ୨୦୧୪ ଅକ୍ଟୋବରରେ ହୁଡ୍‌ହୁଡ୍ ବାତ୍ୟା ବିଶାଖାପାଟଣାରେ ସ୍ଥଳ ଭାଗ ଛୁଇଁଥିବା ବେଳେ ପୁରୀ ଜିଲାର କିଛି ସ୍ଥାନରେ କ୍ଷତିଗ୍ରସ୍ତ କରିଥିଲା।


ନିରାକାରପୁର: ମା' ଉଗ୍ରତାରାଙ୍କ କାଳରାତ୍ରି ବେଶ।


ଜଟଣୀ: ମା' ଉତ୍ତରାୟଣୀଙ୍କ ସିଂହବାହିନୀ ବେଶ।

# ୪୮ ଘଣ୍ଟା ପରେ ବି ପୋଲିସ ହାତ ଖାଲି

**ବାପଘରେ ସ୍ତ୍ରୀଙ୍କ ତଣ୍ଟି କାଟି ହତ୍ୟା ଘଟଣା**

**ଖୋର୍ଦ୍ଧା ଅଫିସ,୧୨।୧୦**

ବାପଘରେ ସ୍ତ୍ରୀଙ୍କ ତଣ୍ଟି କାଟି ହତ୍ୟା ଘଟଣାକୁ ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କ ଟେର ପାଇ ପାରିନାହିଁ। ଏହି ହତ୍ୟାକାଣ୍ଡ ପରେ ଅଭିଯୁକ୍ତ କେଉଁଠି ଲୁଚିଛନ୍ତି କିମ୍ବା କେଉଁଆଡେ ପଳାଇଛନ୍ତି ତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ସୂଚନାଥାଉ କି, ଗୁରୁଜଙ୍ଗ ପତିତପାବନ ଛକରେ ପରିବାର ସହ ରହୁଥିବା ଇନ୍ଦିରା ପ୍ରିୟଦର୍ଶିନୀ ମହାନ୍ତି ୨୦୦୫ରେ ଗୁରୁଜଙ୍ଗର କାର୍ତ୍ତିକ ପ୍ରଧାନଙ୍କୁ ପ୍ରେମ ବିବାହ କରିଥିଲେ। କାର୍ତ୍ତିକ ବ୍ୟବସାୟ କରନ୍ତି। ତାଙ୍କର ଗୋଟିଏ ପୁଅ (୧୫) ଥିବାବେଳେ ସେ ନବମଶ୍ରେଣୀରେ ପଢୁଛନ୍ତି। କାର୍ତ୍ତିକଙ୍କ ନିଜ ଘର ଗୁରୁଜଙ୍ଗ ମେଳଣ ପଡିଆ ସତ୍ତ୍ୱେ ସେ ବିବାହ ପରେ ଘରେ ନ ରହି ସ୍ୱାମୀ-ସ୍ତ୍ରୀ ଭଡା ଘରେ ରହୁଥିଲେ। କିଛି ବର୍ଷ ପରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗିରହିବାରୁ ଇନ୍ଦିରା ପୁଅକୁ ନେଇଆସି ବାପଘରେ ରହୁଥିଲେ। କାର୍ତ୍ତିକ ଅନ୍ୟ ସ୍ଥାନରେ ଘର ଭଡ଼ା ନେଇ ରହୁଥିଲେ। ନିକଟରେ ଇନ୍ଦିରାଙ୍କ ଦେହ ଅସୁସ୍ଥ ଥିବା ଜାଣି ଶ୍ୱଶୁର ଘରକୁ ଆସି ରହୁଥିଲେ। ଇନ୍ଦିରାଙ୍କୁ ଜୀବନରୁ ମାରିଦେବା ପାଇଁ ସେ ପୂର୍ବରୁ ଯୋଜନା କରିଥିଲେ। ଗତ ଶନିବାର ରାତିରେ ସେ ଘର ଭିତର କାନ୍ଥକୁ ଲାଗି ଏକ ଶିଢି ଆଣି ପକାଇଥିଲେ। ରାତିରେ ଖିଆପିଆ ସରିବା ପରେ ସମସ୍ତେ ଶୋଇଯାଇଥିଲେ। କାର୍ତ୍ତିକ ଓ ଇନ୍ଦିରା ଗୋଟିଏ କୋଠରିରେ ଶୋଇଥିଲେ। ବିଳମ୍ବିତ ରାତିରେ କାର୍ତ୍ତିକ ଏକ ଧାରୁଆ ଅସ୍ତ୍ରରେ ଇନ୍ଦିରାଙ୍କ ବେକ କାଟି ହତ୍ୟା କରି ଫେରାର ହୋଇଯାଇଥିଲେ। ପୋଲିସ ପହଞ୍ଚି ଇନ୍ଦିରାଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କଳା, ସଂସ୍କୃତିକୁ ଅକ୍ଷୟଙ୍କ ସଙ୍ଗୀତ ବିକଶିତ କରିଥିଲା

**ଭୁବନେଶ୍ୱର, ୧୨।୧୦(ବ୍ୟୁରୋ)**

କଣ୍ଠଶିଳ୍ପୀ, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ତଥା ଅଭିନେତା ସ୍ୱର୍ଗତ ଅକ୍ଷୟ କୁମାର ମହାନ୍ତିଙ୍କ ୮୭ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିବିଭାଗ ଆନୁକୂଲ୍ୟରେ ନୟାପଲ୍ଲୀସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗୀୟ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଅକ୍ଷୟଙ୍କ ସଙ୍ଗୀତ ପ୍ରତିଭା ରାଜ୍ୟର କଳା ଓ ସଂସ୍କୃତିକୁ ବିକଶିତ କରିଥିଲା ବୋଲି କହିଥିଲେ। ତାଙ୍କର ପ୍ରତ୍ୟେକ ସଙ୍ଗୀତ ସବୁ ବର୍ଗର ବ୍ୟକ୍ତିଙ୍କୁ ପ୍ରଭାବିତ କରିଥିଲା। ଚଳଚ୍ଚିତ୍ରଠାରୁ ଆରମ୍ଭ କରି ଆଧୁନିକ ସଙ୍ଗୀତ, ଭଜନ ପ୍ରତି କ୍ଷେତ୍ରରେ ତାଙ୍କର ଗାୟନ ଶୈଳୀ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଛି ବୋଲି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ, ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସ୍ୱର୍ଗତ ମହାନ୍ତିଙ୍କ ପୁତ୍ର ମିତ୍ରଭାନୁ ମହାନ୍ତି, ଚିତ୍ରଭାନୁ ମହାନ୍ତି, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ଆବାହକ ପ୍ରବୀର ମହାନ୍ତି, ବାବା ପଞ୍ଚଦେବ, ସତ୍ୟବ୍ରତ ଜେନା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂହ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମିତ୍ରଭାନୁ, ଚିତ୍ରଭାନୁଙ୍କ ସହିତ ସଫେଇ କର୍ମଚାରୀ କୁନି ସାହୁ ଓ ନନ୍ଦିନୀ କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରୀତିନୀତିରେ ଚାଲିଛି ମା'ଙ୍କ ପୂଜା

**ଖୋର୍ଦ୍ଧା ଅଫିସ,୧୨।୧୦**

ଖୋର୍ଦ୍ଧା ସହରର ବିଭିନ୍ନ ପୂଜାମଣ୍ଡପରେ ନିରାଡ଼ମ୍ବର ଭାବେ ମା'ଙ୍କ ପୂଜାର୍ଚ୍ଚନା ଚାଲିଛି। କୋଭିଡ୍ କଟକଣା ପାଇଁ ସାଜସଜ୍ଜା, ଆଲୋକମାଳା ନ ଥିଲେ ମଧ୍ୟ ପୂଜାମଣ୍ଡପଗୁଡିକରେ ଆଧ୍ୟାତ୍ମିକ ବାତାବରଣ ରହିଛି। ଷଷ୍ଠୀରେ ବେଲ ବୃକ୍ଷ ନିକଟରେ ଭକ୍ତଙ୍କ ଭିଡ଼ ଜମିଥିଲା। ମା'ଙ୍କୁ ବିଲ୍ୱ ବରଣ ପରେ ପୂଜାମଣ୍ଡପକୁ ପାଛୋଟି ନେଇଥିଲେ। ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବିଭିନ୍ନ ଫୁଲ, ଫଳ ନୈବେଦ୍ୟ ଅର୍ପଣ କରିଥିଲେ। କେତେଜଣ କର୍ମକର୍ତ୍ତାଙ୍କୁ ନେଇ ପୂଜାମଣ୍ଡପଗୁଡିକରେ ଷଷ୍ଠୀ ପୂଜା ସମାପନ ହୋଇଥିଲା। ମଙ୍ଗଳବାର ସମସ୍ତ ପୂଜାମଣ୍ଡପରେ ଦେବୀଙ୍କ ନବପତ୍ରିକା ପ୍ରବେଶ ପରେ ପୂଜାରମ୍ଭ, ଚକ୍ଷୁଦାନ (ଦେବୀଙ୍କ ଅଶ୍ୱବାହନେ ଆଗମନ) ସନ୍ଧ୍ୟାରେ ସନ୍ଧ୍ୟା ଆଳତି କରାଯାଇଥିଲା। ପୂଜାମଣ୍ଡପରେ ୪ଫୁଟ ଉଚ୍ଚତାର ମୃଣ୍ମୟୀ ମୂର୍ତ୍ତି ସହ ମଣ୍ଡପର ୩ପାର୍ଶ୍ୱକୁ ଆବଦ୍ଧ କରାଯାଇଛି। ନାଇଟ କର୍ଫ୍ୟୁ ଯୋଗୁ ସପ୍ତମୀ ପୂଜା ଶୀଘ୍ର ସମାପନ ହୋଇଥିବା ଦେଖିବାକୁ ମିଳିଛି। କୋଭିଡ୍ କଟକଣା ଯୋଗୁ କେବଳ କମିଟି ସଦସ୍ୟଙ୍କୁ ବାଦ୍‌ଦେଲେ ଭକ୍ତଙ୍କ ପ୍ରବେଶ ନିଷେଧ ରହିଛି। ଖୋର୍ଦ୍ଧା ସହରର ଇଗଲ କ୍ଲବ, ଖୋର୍ଦ୍ଧା କ୍ଲବ, ଗୁରୁଜଙ୍ଗ ମାଳିସାହି ପୂଜା କମିଟି, ପୁରୁଣା ଫାୟାର ଷ୍ଟେଶନ ଛକ ଏବଂ ପଲ୍ଲା ଛକରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବା ବେଳେ ଜୟୀରାଜଗୁରୁ ଟାଉନ ହଲ୍ ନିକଟରେ ଟ୍ରାଫିକ ଛକ ବ୍ୟବସାୟୀ ସଂଘ, ଦୁଲଣା ସାହି, ମାଛ ମାର୍କେଟ ଛକ, ୪୦୭ ଷ୍ଟାଣ୍ଡ ପୂଜାମଣ୍ଡପରେ ହର ପାର୍ବତୀ ପୂଜା ପାଉଛନ୍ତି। ଅନ୍ୟପଟେ ଜିଲାର ପ୍ରମୁଖ ଶକ୍ତିପୀଠରେ ମହାଷ୍ଟମୀ ପାଳନ ହୋଇଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମିଠି


@ ବିଟୁ


@ ପ୍ରେମାନନ୍ଦ


@ ରୀନା


@ ବାପି


@ ସୌମ୍ୟରଞ୍ଜନ

## ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମହାସପ୍ତମୀ ପୂଜା


ଖୋର୍ଦ୍ଧା ଇଗଲ କ୍ଲବ ପକ୍ଷରୁ ପୂଜିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।


ଖୋର୍ଦ୍ଧା କ୍ଲବ।


ଜଟଣୀ ରେଲ୍‌ୱେ କଲୋନୀ।


ଟ୍ରାଫିକ୍ ବ୍ୟବସାୟୀ ସଂଘ ପକ୍ଷରୁ ମଣ୍ଡପରେ ପୂଜା ପାଉଥିବା ହରପାର୍ବତୀ।


ପୁରୀର ମା' ବାରବାଟୀ ଗୋଷାଣୀ।


ହରଚଣ୍ଡୀ ଠାକୁରାଣୀ।


ମା' ଚକରାକୋଟା ଠାକୁରାଣୀ।


ମା' ଜହ୍ନିଖାଇ


ଗୌଡବଡସାହିର ଜହ୍ନିଖାଇ ଠାକୁରାଣୀ।


କୋଣାର୍କ ନୃସିଂହଦେବ କମିଟି ପକ୍ଷରୁ ପୂଜିତ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

